ସକାଳ THE SAKALA



## ସମ୍ବଲପୁର ମହାନଗର ନିଗମ

# ବ୍ୟବସ୍ଥିତ ହୋଇପାରୁନି ବର୍ଜ୍ୟ ପରିଚାଳନା






**ସମ୍ବଲପୁର, ୧୬।୪ (ସମିସ)**

ସମ୍ବଲପୁର ମହାନଗର ଘୋଷଣାର ୧୩ ବର୍ଷ ପରେ ବି ବ୍ୟବସ୍ଥିତ ହୋଇପାରୁନି ବର୍ଜ୍ୟ ପରିଚାଳନା। ୨୦୧୩ ମସିହାରେ ସମ୍ବଲପୁର ପୌରାଞ୍ଚଳ, ବୁର୍ଲା ଓ ହାରାକୁଦ ବିଜ୍ଞାପିତ ଅଞ୍ଚଳ ପରିଷଦ ସହିତ ଧନକଉଡ଼ା ବ୍ଲକର ୭ଟି ଗ୍ରାମ ପଞ୍ଚାୟତ ଓ ମାନେଶ୍ୱର ବ୍ଲକର ୫ଟି ଗ୍ରାମ ପଞ୍ଚାୟତକୁ ନେଇ ସମ୍ବଲପୁର ମହାନଗର ନିଗମ ଗଠିତ ହୋଇଥିଲା। କଠିଣ ବର୍ଜ୍ୟବସ୍ତୁ ପରିଚାଳନା (ଏସ୍‌ଡବ୍ଲୁଏମ୍) ପାଇଁ ମାସିକ ଖର୍ଚ୍ଚ ୨.୫ ରୁ ୩ କୋଟି ପର୍ଯ୍ୟନ୍ତ। ତେବେ ବି ରାସ୍ତାଘାଟରେ ଆବର୍ଜନା ପଡ଼ିରହୁଛି। ପରିମଳ ସ୍ୱଚ୍ଛତାକୁ ନେଇ ଜନସଚେତନତାର ଅଭାବ ରହିଥିବା କୁହାଯାଉଛି। ଅନ୍ୟପକ୍ଷରେ, ଦୂରଦୃଷ୍ଟିବିହୀନ କାର୍ଯ୍ୟ, ଭିତ୍ତିଭୂମିର ଅଭାବ ଏବଂ ବିଭାଗୀୟ ମନିଟରିଂ ନ ଥିବା ଯୋଗୁଁ ଏଭଳି ପରିସ୍ଥିତି ଉପୁଜିଥିବା ଅଭିଯୋଗ ହେଉଛି। ବିଭିନ୍ନ ଛକ ଏବଂ ରାସ୍ତାକଡ଼ ଡଷ୍ଟବିନ୍ ହଟାଇ ଦିଆଯାଇଥିବାବେଳେ ମହାନଦୀ କୂଳ, ଫାଟକ-କ୍ଷେତରାଜପୁର ରାସ୍ତା, ଜାତୀୟ ରାଜପଥ କଡ଼ ଆଦି ବିଭିନ୍ନ ଜାଗାରେ ଲୋକେ ବେଫିକର ଆବର୍ଜନା ଡମ୍ପ କରୁଛନ୍ତି। ମ୍ୟୁନିସିପାଲ୍ ଆକ୍ଟ ଅନୁଯାୟୀ, କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାସହ ଦଣ୍ଡ ଦେବାର ପ୍ରାବଧାନ ସତ୍ତ୍ୱେ ମହାନଗର ନିଗମ ନୀରବ ରହୁଥିବା ଦେଖାଯାଉଛି।

ସମ୍ବଲପୁର ମହାନଗର ନିଗମରେ ଏବେ ୪୧ଟି ୱାର୍ଡ ରହିଛି। ଏଥିରେ ଗୃହ ସଂଖ୍ୟା ୯୬ ହଜାରରୁ ଅଧିକ ଆକଳନ କରାଯାଇଥିବାବେଳେ ଉଡ଼ାଘରକୁ ମିଶାଇଲେ ଏହି ସଂଖ୍ୟା ୧ ଲକ୍ଷ ୨୫ ହଜାରରୁ ଉର୍ଦ୍ଧ୍ୱ

**ମାସିକ ଖର୍ଚ୍ଚ ୩ କୋଟି**

**ବାହାରୁଛି ଦୈନିକ ୨୦୦ ଟନ୍ ବର୍ଜ୍ୟ**

**ଘରୁ ସଂଗ୍ରହ ସମୟରେ ହେଉନି ପୃଥକୀକରଣ**

**ଜରିମାନା ଆରମ୍ଭ କରୁନି ନିଗମ**

ହେବ। ଏନେଇ ସଠିକ୍ ତଥ୍ୟ ଉପଲବ୍ଧ ହେଉନାହିଁ। ସମ୍ପ୍ରତି ସମ୍ବଲପୁର ମହାନଗରର ଜନସଂଖ୍ୟା ସାଢ଼େ ୪ ରୁ ୫ ଲକ୍ଷ ହେବ ବୋଲି କୁହାଯାଉଛି। ଆଗାମୀ ଡିଜିଟାଲ ଜନଗଣନା ପରେ ଏହା ସଠିକ୍ ଭାବେ ଜଣାପଡ଼ିବ। ପ୍ରତିଦିନ ଘର ଏବଂ ବ୍ୟବସାୟିକ ପ୍ରତିଷ୍ଠାନ ଗୁଡ଼ିକରୁ ପ୍ରାୟ ୧୯୦ ରୁ ୧୯୫ ମେଟ୍ରିକ୍ ଟନ୍ ଅଳିଆ ଆବର୍ଜନା ବାହାରୁଛି। ଏହାଛଡ଼ା ନାଳନର୍ଦ୍ଦମା, ବଗିଚା, ଭଙ୍ଗା ଘର ସାମଗ୍ରୀ ଆଦି ପୁଣି ରହିଛି। ସମସ୍ତ ଅଳିଆ ସମ୍ପୂର୍ଣ୍ଣ ଭାବେ ସଂଗ୍ରହ କରାଯାଇ ପାରୁନାହିଁ। ପୁଣି ଘର ମାନଙ୍କରୁ ସଂଗ୍ରହ କରୁଥିବା ଗାଡ଼ି ଗୁଡ଼ିକ ନାମକୁ ମାତ୍ର ଓଦା ଓ ଶୁଖିଲା ଅଳିଆ ପାଇଁ ଜାଗା ରଖିଥିବାବେଳେ ସବୁ ଅଳିଆ ମିଶାଇ ସଂଗ୍ରହ କରୁଛନ୍ତି।

ଏହି ଅଳିଆଗୁଡ଼ିକ ମାଇକ୍ରୋ କମ୍ପୋଷ୍ଟ ସେଣ୍ଟର (ଏମ୍‌ସିସି) ଓ ମେଟେରିଆଲ ରିକୋଭେରୀ ଫେସିଲିଟି (ଏମ୍‌ଆର୍‌ଏଫ୍)କୁ ନିଆଯାଉଛି। ବହୁ ସମୟରେ ଓଦା ଓ ଶୁଖିଲା ପୃଥକୀକରଣ ଅଭାବରୁ ତାହାକୁ ୱେଲ୍‌ଥ ସେଣ୍ଟର ବଦଳରେ ଡମ୍ପିଂୟାର୍ଡକୁ ପଠାଇ ଦିଆଯାଉଥିବା ଦେଖାଯାଉଛି। ନିଗମ ଅଞ୍ଚଳରେ ଅଳିଆ ଆବର୍ଜନାର ପ୍ରକ୍ରିୟାକରଣ ପାଇଁ ୯ଟି ଏମ୍‌ସିସି ଓ ୮ଟି ଏମ୍‌ଆର୍‌ଏଫ୍ ରହିଛି। ଏଠାରେ ପ୍ରାୟ ୧୨୫ ମେଟ୍ରିକ୍ ଟନ୍ ଆବର୍ଜନା ପ୍ରକ୍ରିୟାକରଣ ହେଉଥିବାବେଳେ ପ୍ରାୟ ୭୫ ମେଟ୍ରିକ୍ ଟନ୍ ଅଳିଆ ଆବର୍ଜନା ଆମ୍ବସଡ଼ା କଁଟାପାଲିସ୍ଥିତ ଡମ୍ପିଂୟାର୍ଡକୁ ପଠାଯାଉଛି। ଭିତ୍ତିଭୂମିର ଅଭାବ ଯୋଗୁଁ ଏଭଳି ସମସ୍ୟା ସୃଷ୍ଟି ହେଉଛି। ଅନ୍ୟପକ୍ଷରେ ଆମ୍ବସଡ଼ା କଁଟାପାଲିର ସିର୍କିଡି ମୌଜାରେ ୧୦.୯୫ ଏକର ପରିମିତ ସ୍ଥାନରେ ବାୟୋଗ୍ୟାସ୍ ପ୍ଲାଣ୍ଟ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଯୋଜନା ରହିଥିବା ସୂଚନା ମିଳିଛି।

ସମ୍ବଲପୁର ମହାନଗର ନିଗମରେ ୨୦୧୯ ମସିହାରେ ମାତ୍ର ୬୧ଟି ଅଳିଆ ଗାଡ଼ି ଥିବାବେଳେ ଏବେ ତାହା ୧୫୮ରେ ପହଞ୍ଚିଛି। ତନ୍ମଧ୍ୟରେ ୧୨୦ଟି ଟାଟା-ଏସିଇ ଗାଡ଼ି (ଏଲ୍‌ସିବି) ଏବଂ ୩୮ଟି ବ୍ୟାଟେରୀ ଚାଳିତ ଗାଡ଼ି (ବିଓଭି) ରହିଛି। ଏହା ଆବଶ୍ୟତାଠାରୁ ପ୍ରାୟ ୩୦ରୁ ୪୦ ପ୍ରତିଶତ କମ୍ ବୋଲି ଜଣାପଡ଼ିଛି। ମହାନଗର ନିଗମ ଦ୍ୱାରା ବ୍ୟବହୃତ ହେଉଥିବା ଟାଟା-ଏସିଇ ଓ ଟ୍ରାକ୍ଟର ଗୁଡ଼ିକରୁ ସବୁସମୟରେ କିଛିସଂଖ୍ୟକ ଗାଡ଼ି ଅଚଳ ରହୁଛି। ଗାଡ଼ି ଗୁଡ଼ିକରେ ବୈଷୟିକ ତ୍ରୁଟି ରହୁଥିବାବେଳେ ଏଯାବତ୍ ସେଥିପାଇଁ ଏକ ସମର୍ପିତ ଗ୍ୟାରେଜ୍ ହୋଇପାରିନାହିଁ। ଅନ୍ୟପକ୍ଷରେ ବ୍ୟାଟେରୀ ଚାଳିତ ଗାଡ଼ିଗୁଡ଼ିକ ଖରାପ ହେବାସହ ମରାମତି କରାଯାଇ ପାରୁନଥିବାରୁ ଧିରେ ଧିରେ ଏହାର ସଂଖ୍ୟା କମିବାରେ ଲାଗିଛି। ସମ୍ବଲପୁର ମହାନଗର ନିଗମର ୪୧ଟି ୱାର୍ଡରୁ ମାତ୍ର ୯ଟି ୱାର୍ଡ ସଫେଇ ଓ ଆବର୍ଜନା ପରିଚାଳନା ଦାୟିତ୍ୱ ମହାନଗର ନିଗମ ନିଜ ହାତରେ ରଖିଥିବାବେଳେ ବଳକା ୩୨ଟି ୱାର୍ଡ ଦାୟିତ୍ୱରେ ଦୁଇଟି ଘରୋଇ ସଂସ୍ଥା ରହିଛନ୍ତି। ଘରୋଇ ସଂସ୍ଥାଗୁଡ଼ିକ ପାଖରେ ଆବଶ୍ୟକ ଉପକରଣ ଓ ଗାଡ଼ି ନଥିବା ବହୁସମୟରେ ଅଭିଯୋଗ ହେଉଛି। ସେମାନଙ୍କ ଦାୟିତ୍ୱ ସଫେଇ ଓ ବର୍ଜ୍ୟ ସଂଗ୍ରହ ତଥା ପରିଚାଳନା କାର୍ଯ୍ୟ ସଠିକ୍ ଭାବେ କରୁ ନ ଥିବା ଅଭିଯୋଗ ହେଉଛି।

## ଏସ୍‌ଏମ୍‌ସି ଉପରେ ସାଂଘାତିକ ଅଭିଯୋଗ

# ଠିକ୍ ସମୟରେ ଦରମା ପାଉନାହାନ୍ତି କମ୍ୟୁନିଟି ଅର୍ଗାନାଇଜର

**ସମ୍ବଲପୁର, ୧୬।୪ (ସମିସ):** ଫିଲ୍ଡରେ ବୁଲି କାମ କରୁଛନ୍ତି। ଲୋକଙ୍କ ଭତ୍ତା ଠାରୁ ଆରମ୍ଭ କରି ରାସନ କାର୍ଡ ବିଭିନ୍ନ ଲୋକଙ୍କ ସମସ୍ୟା ସମାଧାନ କରୁଛନ୍ତି। କିନ୍ତୁ ମାସିକ ଦରମା ପାଇବା ସମୟରେ ନିଜେ ହଇରାଣ ହେବାକୁ ପଡୁଛି। ଏପରି ଘଟଣା ସମ୍ବଲପୁର ମହାନଗର ନିଗମ କାର୍ଯ୍ୟାଳୟରେ ଘଟୁଥିବା ଅଭିଯୋଗ ହୋଇଛି। ମହାନଗର ନିଗମର କିଛି କମ୍ୟୁନିଟି ଅର୍ଗାନାଇଜର ସଠିକ ସମୟରେ ଦରମା ପାଉନଥିବା ଅଭିଯୋଗ ହୋଇଛି। ଉପରୋକ୍ତ ଅଧିକାରୀ ଦରମା ବାହାନାରେ ହଇରାଣ କରୁଛନ୍ତି। ଆଜି କାଲି, ଛୁଟିରୁ ଆସିଲେ ବିଲ କରିବି କହି ଦିନ ପରେ ଦିନ ଗଡାଉଛନ୍ତି। ସୂଚନା ଅନୁସାରେ ମହାନଗର ନିଗମରେ ୧୦ ଜଣ ଚୁକ୍ତିଭିତ୍ତିକ କମ୍ୟୁନିଟି ଅର୍ଗାନାଇଜର(ସିଓ) କାର୍ଯ୍ୟରତ ଥିବା ବେଳେ ୨ ଜଣ ସ୍ଥାୟୀ ସିଓ ରହିଛନ୍ତି। ସ୍ଥାୟୀ ସିଓ ଠିକ ସମୟରେ ଦରମା ପାଇଥାନ୍ତି। ସ୍ଥାୟୀ କର୍ମଚାରୀଙ୍କ ମଧ୍ୟରୁ ଜଣେ ମହିଳା ସିଓ ଅନ୍ୟ ଚୁକ୍ତିଭିତ୍ତିକ ସିଓଙ୍କ ବିଲ କରିବା ପରେ ସେମାନେ ଦରମା ପାଆନ୍ତି। କିନ୍ତୁ ସେ ଠିକ ଭାବେ ବିଲ ନ କରି ବାରମ୍ବାର ଅନ୍ୟ ଚୁକ୍ତିଭିତ୍ତିକ ସିଓଙ୍କୁ ହଇରାଣ କରୁଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ ଚୁକ୍ତିଭିତ୍ତିକ ସିଓ ମାନେ ଫିଲ୍ଡରେ କାମ କରିଥାନ୍ତି। ରାସନ କାର୍ଡ, ଭତ୍ତା ଭଳି ବିଭିନ୍ନ ସମସ୍ୟାର ରିପୋର୍ଟ ନେଇଥାନ୍ତି। ଏପରିକି ସଫେଇ କାମର ମଧ୍ୟ ରିପୋର୍ଟ ଫିଲ୍ଡରୁ ସଂଗ୍ରହ କରି ସ୍ଥାୟୀ ସିଓଙ୍କୁ ଦେଇଥାନ୍ତି। ମାସିକ ଦରମା କଥା ଆସିଲେ ଉପରୋକ୍ତ ମହିଳା ସିଓ ସେହି ଦାୟିତ୍ୱରେ ଅଛନ୍ତି। କିନ୍ତୁ ସେ ବିଲ ଠିକ ସମୟରେ କରିନଥାନ୍ତି। ମାର୍ଚ୍ଚ ମାସର ଦରମା ଆଜି ପର୍ଯ୍ୟନ୍ତ ଚୁକ୍ତିଭିତ୍ତିକ ସିଓଙ୍କୁ ମିଳିପାରିନାହି। ବାରମ୍ବାର ଦରମା କଥା କହିଲେ ବିଭିନ୍ନ ସମସ୍ୟା ଥିବା କହି କଥା ଏଡାଇ ଦେଉଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ସ୍ଥାୟୀ ସିଓଙ୍କ ସହ ଯୋଗାଯୋଗ ହୋଇପାରିନାହି। ତେଣୁ ବକେୟା ଦରମା ଶୀଘ୍ର ସିଓ ମାନଙ୍କୁ ଦେବାକୁ ସାଧାରଣରେ ଦାବି ହୋଇଛି। ସମ୍ବଲପୁର ମହାନଗର ନିଗମ ଏନେଇ ସମ୍ପର୍କରେ ଆଲୋଚନା କରି ତୁରନ୍ତ ସମାଧାନ କରିବାକୁ ସେମାନେ ଅନୁରୋଧ କରିଛନ୍ତି। ସମସ୍ୟା ଆଗକୁ ଲାଗି ରହିଲେ ଆଗକୁ ଜିଲ୍ଲାପାଳଙ୍କୁ ଅଭିଯୋଗ କରିବେ ବୋଲି କହିଛନ୍ତି।

# ବିରାଟ କୋଚିଂର ସଫଳତା



**ସମ୍ବଲପୁର, ୧୬।୪(ସମିସ):** ପଶ୍ଚିମ ଓଡ଼ିଶାର ସୁନାମୀ କୋଚିଂ ବିରାଟ ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷା ଫଳାଫଳରେ ସଫଳତା ହାସଲ କରିଛି। ବିରାଟ କୋଚିଂର ଅଧିକାଂଶ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ମାର୍କ ରଖି ଇନ୍‌ଷ୍ଟିଚ୍ୟୁଟ ତଥା ପଶ୍ଚିମ ଓଡ଼ିଶାକୁ ଗର୍ବାନ୍ୱିତ କରିଛନ୍ତି। ଦିବ୍ୟ ରଞ୍ଜନ ମନ୍ଦୋଦରୀ ୯୯.୬ ପ୍ରତିଶତ ମାର୍କ ରଖି କୋଚିଂର ଟପ୍ପର ହୋଇଛନ୍ତି। ସେହିପରି ଶ୍ରେୟା ସ୍ମରଣିକା ବେହେରା ୯୭.୮ ପ୍ରତିଶତ, ଶୁଭମ ଦାସ ୯୬.୨ ପ୍ରତିଶତ, ଅନ୍ୱେଶା ପାଣିଗ୍ରାହୀ ୯୪.୮, ଗୁଞ୍ଜନ ଅଗ୍ରୱାଲ ୯୪.୪ ଓ ଜୟ ପ୍ରସାଦ ଜ୍ୟୋତିଷ ୯୩.୮ ପ୍ରତିଶତ ମାର୍କ ରଖି ସଫଳତା ପାଇଛନ୍ତି।ପ୍ରକାଶ ଥାଉକି ଆଗାମୀ ସପ୍ତାହରୁ ବିରାଟ କୋଚିରେ ଫାଉଣ୍ଡେସନ(ସପ୍ତମ, ଅଷ୍ଟମ, ନବମ, ଦଶମ) ଶ୍ରେଣୀର ଓ ଯୁକ୍ତ ଦୁଇ ଇଣ୍ଟିଗ୍ରେଟେଡର ନୂତନ ବ୍ୟାଚ୍ ଆରମ୍ଭ ହେବା ନେଇ ଇନ୍‌ଷ୍ଟିଚ୍ୟୁଟ ଅଧକ ରାହୁଲ ରାଜ ସୂଚନା ଦେବା ସହ ସଫଳତା ପାଇଁ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ୧୦ ବର୍ଷ ବିତିଲା, ଅଧପନ୍ତରିଆ କଳା ପରିଷଦ ପ୍ରେକ୍ଷାଳୟ



**ସମ୍ବଲପୁର, ୧୬।୪ (ସମିସ) :** ପଶ୍ଚିମ ଓଡ଼ିଶାର ପ୍ରାଣକେନ୍ଦ୍ର ସମ୍ବଲପୁର। ସମ୍ବଲପୁରରେ ନିୟମିତ ଭାବେ ନାଟକ, ସଙ୍ଗୀତ, ବାଦ୍ୟ ପ୍ରଦର୍ଶନ ସହ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଆୟୋଜିତ ହେଉଛି। ତେବେ, ସମ୍ବଲପୁରରେ ନାଟ୍ୟ ଅଭିନେତା ତଥା ନିର୍ଦ୍ଦେଶକଙ୍କ ପାଇଁ ପ୍ରେକ୍ଷାଳୟଟିଏ ନାହିଁ। ସମ୍ବଲପୁରରେ ଭୁବନେଶ୍ୱରର ରବୀନ୍ଦ୍ର ମଣ୍ଡପ ଶୈଳୀରେ ସମସ୍ତ ଆନୁସଙ୍ଗିକ ସୁବିଧା ସହ ଏକ ପ୍ରେକ୍ଷାଳୟ ଆବଶ୍ୟକ। ବର୍ଷ ବର୍ଷ ଧରି ପ୍ରଶାସନଠାରୁ ଆରମ୍ଭ କରି ଜନ ପ୍ରତିନିଧି ପର୍ଯ୍ୟନ୍ତ ଦାବି ଜଣାଇଛନ୍ତି। ସେମାନଙ୍କ ପ୍ରତିଶ୍ରୁତି କେବଳ ପାଣିର ଗାର ସାଜିଛି। ୨୦୧୬-୧୭ ମସିହାରେ ସମ୍ବଲପୁର କଳା ପରିଷଦ ପରିସରରେ ଏକ ପ୍ରେକ୍ଷାଳୟ ପାଇଁ ମହାନଦୀ କୋଲ୍‌ଫିଲ୍ଡସ ଲିମିଟେଡ୍‌ର ସିଏସ୍‌ଆର୍ ପାଣ୍ଠିରୁ ୨.୮୭ କୋଟି ଟଙ୍କା ପାଣ୍ଠି ଦିଆଗଲା। ଏହି ପାଣ୍ଠିରୁ ପୂର୍ତ୍ତ ବିଭାଗ ଡିଭିଜନ -୧ ପକ୍ଷରୁ ପ୍ରାୟ ୬୫୦ ଜଣ ଦର୍ଶକ ବସିବା ଭଳି ଏକ ପ୍ରେକ୍ଷାଳୟ କାର୍ଯ୍ୟ ଆରମ୍ଭ ହୋଇ ଇଣ୍ଟେରିଅର୍ ଫିନିସିଂ, ଷ୍ଟେଜ୍ ଲାଇଟିଂ, ସାଉଣ୍ଡ ଓ ଏସି ଆଦି ବିଭିନ୍ନ କାର୍ଯ୍ୟ ବାକି ଥିଲା। ତେବେ, ପ୍ରେକ୍ଷାଳୟ ସକାଶେ ଆବଶ୍ୟକ ଉନ୍ନତ ମାନର ବ୍ୟବସ୍ଥା ପାଇଁ ଏହି ପାଣ୍ଠି ପର୍ଯ୍ୟାପ୍ତ ନଥିଲା। ଏଥିପାଇଁ ନିର୍ମାଣ କାର୍ଯ୍ୟ ଅଟକି ରହିଲା। ତେବେ, ତାହା ସରକାରୀ ହରଡ଼ଘଣାରେ ପଡ଼ି ଏପର୍ଯ୍ୟନ୍ତ ଅସମ୍ପୂର୍ଣ୍ଣ ହୋଇ ପଡ଼ିରହିଛି। ପ୍ରାୟ ୧୦ ବର୍ଷ ହେଲା ଏହି ନିର୍ମାଣ ପଡ଼ିରହି ଖରାପ ହୋଇଗଲାଣି। ବିଦ୍ୟୁତ୍ ତାର ଓ ଲାଇଟ୍ ଆଦି କେତେକ ସାମଗ୍ରୀ ଚୋରି ମଧ୍ୟ ହୋଇଯାଇଛି।

ଏହି ପ୍ରେକ୍ଷାଳୟ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଏବେ ନୂତନ ଆକଳନ ଆହ୍ୱାନ କରାଯାଇଛି। ପୂର୍ତ୍ତ ବିଭାଗ ପକ୍ଷରୁ ଏନେଇ ୯.୨୫ କୋଟି ଟଙ୍କାରେ ବ୍ୟୟ ଅଟକଳ ଜିଲ୍ଲା ପ୍ରଶାସନକୁ ପ୍ରଦାନ କରାଯାଇଛି। ଏଥିରେ ସିଲିଂ, କାର୍‌ପେଟ୍ ଫ୍ଲୋରିଂ, ଅଗ୍ନିସୁରକ୍ଷା, ଷ୍ଟେଜ୍‌ରେ ସମସ୍ତ ବ୍ୟବସ୍ଥା, ସାଉଣ୍ଡ, ଆଲୋକୀକରଣ, ସେଣ୍ଟ୍ରାଲ ଏସି, ଜେନେରେଟର୍, ସ୍ୱତନ୍ତ୍ର ଟ୍ରାନ୍ସଫର୍ମର୍, ଆଭ୍ୟନ୍ତରୀଣ କାର୍ଯ୍ୟ, ବାହାର ଗେଟ୍, ବାହାର ପରିସର ଉନ୍ନତିକରଣ ଆଦି ରହିଛି। ସମ୍ବଲପୁର କଳା ପରିଷଦର କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ ହୋତା କହିଛନ୍ତି, ଏନେଇ ଜିଲ୍ଲା ପ୍ରଶାସନକୁ ଅବଗତ କରାଯାଇଛି, ଖୁବ୍ ଶୀଘ୍ର ଏହି ପ୍ରେକ୍ଷାଳୟ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି। ଉଲ୍ଲେଖଯୋଗ୍ୟ ଯେ, ଗତ ୧୫ ତାରିଖ ସମ୍ବଲପୁର ଗସ୍ତ ସମୟରେ ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ କଳା ପରିଷଦରେ ନିର୍ମାଣାଧିନ ପ୍ରେକ୍ଷାଳୟ କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ।

# ବଲାଙ୍ଗିର-ସମ୍ବଲପୁର ସେକ୍ସନରେ ଟ୍ରେନ ବାତିଲ

**ସମ୍ବଲପୁର, ୧୬।୪ (ସମିସ) :** ସମ୍ବଲପୁର ମଣ୍ଡଳର ବଲାଙ୍ଗୀର-ସମ୍ବଲପୁର ସେକ୍ସନରେ ନିରାପତ୍ତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ଯୋଗୁଁ କେତେକ ଟ୍ରେନ୍ ବାତିଲ ରହିବ ବୋଲି ରେଳବାଇ ସୂତ୍ରରୁ ବିଜ୍ଞପ୍ତି ଜାରି କରାଯାଇଛି। ବାତିଲ ଟ୍ରେନ୍ ଗୁଡ଼ିକ ମଧ୍ୟରେ - ଟ୍ରେନ ନମ୍ବର ୫୮୩୦୩/ ୫୮୩୦୪ ସମ୍ବଲପୁର-ଜୁନାଗଡ଼-ସମ୍ବଲପୁର ପାସେଞ୍ଜର, ଟ୍ରେନ ନମ୍ବର ୫୮୨୧୩ / ୫୮୨୧୪ ବିଲାସପୁର-ଟିଟଲାଗଡ଼-ବିଲାସପୁର ପାସେଞ୍ଜର ଏବଂ ଟ୍ରେନ ନମ୍ବର ୫୮୨୧୭ / ୫୮୨୧୮ ଟିଟଲାଗଡ଼-ରାୟପୁର-ଟିଟଲାଗଡ଼ ପାସେଞ୍ଜର ଚଳିତ ଏପ୍ରିଲ ମାସ ୧୭, ୧୮, ୨୭ ଏବଂ ୨୮ ତାରିଖରେ ଉଭୟ ଦିଗରୁ ବାତିଲ ରହିବ। ଏହା ଯାତ୍ରୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଇଛି।

# ଜଳୁଛି ସମ୍ବଲପୁର, ତାପମାତ୍ରା ୪୨.୨ ଡିଗ୍ରୀ

**ସମ୍ବଲପୁର, ୧୬।୪ (ସମିସ) :** ଜଳୁଛି ସମ୍ବଲପୁର। ଗତ କେଇଦିନ ହେଲା ପ୍ରତିଦିନ ସମ୍ବଲପୁରର ତାପମାତ୍ରା ବଢ଼ି ବଢ଼ି ଚାଲିଛି। ପୁଣି ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଏହି ତାପମାତ୍ରା ୪ରୁ ୬ ଡିଗ୍ରୀ ବଢ଼ିବାର ସମ୍ଭାବନା ରହିଛି। ସକାଳ ୮ଟା ପରେ ଲୋକେ ଘରୁ ବାହାରକୁ ବାହାରିଲେ ଖରା ତାତିରେ ସିଝିବାକୁ ପଡୁଛି। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ସହ ଗୁଲୁଗୁଲି ହେଉଛି। ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ମାର୍ଚ୍ଚ ଦ୍ୱିତୀୟ ସପ୍ତାହରୁ ସମ୍ବଲପୁରରେ ପ୍ରଚଣ୍ଡ ରୌଦ୍ରତାପ ଅନୁଭୂତ ହେଉଛି ଓ ଗତ ମାର୍ଚ୍ଚ ୧୩ ତାରିଖ ସମ୍ବଲପୁରର ତାପମାତ୍ରା ସର୍ବାଧିକ ୪୦ ଡିଗ୍ରୀ ରେକର୍ଡ ହୋଇଥିଲା। ଏହାପରେ କାଳବୈଶାଖୀ ଯୋଗୁଁ ସମ୍ବଲପୁରର ତାପମାତ୍ରା ୩୮ ଡିଗ୍ରୀ ମଧ୍ୟରେ ରହୁଥିଲା। ଏହା କିଛିଟା ଆଶ୍ୱସ୍ତି ଦେଇଥିଲା। ତେବେ, ତାପମାତ୍ରା କମିଥିଲେ ହେଁ ଦିନବେଳା ଖରା ତାତି କମିନଥିଲା। ଗତ କେଇଦିନ ହେବ ତାପମାତ୍ରା ବୃଦ୍ଧି ପାଉଥିବାବେଳେ ଆଜି ସମ୍ବଲପୁରର ତାପମାତ୍ରା ଦ୍ୱିତୀୟ ସର୍ବାଧିକ ୪୨.୨ ଡିଗ୍ରୀ ରହିଛି। ଆଜି ଝାରସୁଗୁଡ଼ାର ତାପମାତ୍ରା ସର୍ବାଧିକ ୪୩.୬ ଡିଗ୍ରୀ ରହିଥିବା ସୂଚନା ମିଳିଛି।

ଗତ ୧୨ ତାରିଖରେ ସମ୍ବଲପୁରର ସର୍ବୋଚ୍ଚ ତାପମାତ୍ରା ୪୦.୧ ଡିଗ୍ରୀ (୨୧.୨) ଥିବାବେଳେ ୧୩ ତାରିଖ ୪୦.୪ ଡିଗ୍ରୀ (୨୪.୩), ୧୪ ତାରିଖ ୪୧.୫ ଡିଗ୍ରୀ (୨୫.୦), ୧୫ ତାରିଖ ୪୧ ଡିଗ୍ରୀ (୨୫.୦) ଏବଂ ଆଜି ଚଳିତ ଗ୍ରୀଷ୍ମଋତୁର ସର୍ବାଧିକ ସର୍ବୋଚ୍ଚ ତାପମାତ୍ରା ୪୨.୨ ଡିଗ୍ରୀ ଓ ସର୍ବନିମ୍ନ ତାପମାତ୍ରା ୨୬.୭ ଡିଗ୍ରୀ ରହିଛି। ଆଗାମୀ ଦିନରେ ତାପମାତ୍ରା ଆହୁରି ବୃଦ୍ଧି ପାଇବା ନେଇ ଆଶଙ୍କା ରହିଛି। ଜୁନ ମାସ ପର୍ଯ୍ୟନ୍ତ ଗ୍ରୀଷ୍ମ ଋତୁ ଥିବାବେଳେ ଆରମ୍ଭରୁ ଏଭଳି ରୌଦ୍ରତାପକୁ ନେଇ ସାଧାରଣ ଲୋକ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଗତବର୍ଷ ୨୦୨୫ ଏପ୍ରିଲ ୨୨ ତାରିଖରେ ସମ୍ବଲପୁରର ତାପମାତ୍ରା ବର୍ଷର ସର୍ବାଧିକ ୪୪.୬ ଡିଗ୍ରୀ ହୋଇଥିବାବେଳେ ୨୦୨୪ ମସିହା ମେ ମାସ ୩୦ ତାରିଖରେ ସମ୍ବଲପୁରର ସର୍ବୋଚ୍ଚ ତାପମାତ୍ରା ୪୬.୨ ଡିଗ୍ରୀ ରେକର୍ଡ କରାଯାଇଥିଲା।

ରାଜ୍ୟ ସହିତ ସମ୍ବଲପୁର ଜିଲ୍ଲାର ବିଦ୍ୟାଳୟ ଗୁଡ଼ିକ ଏପ୍ରିଲ ୨ ତାରିଖରୁ ସକାଳୁଆ ହୋଇଛି। ଅନ୍ୟପକ୍ଷରେ ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚ୍‌ସି) ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ପିଏଚ୍‌ସି) ଗୁଡ଼ିକରେ ଅଂଶୁଘାତ କକ୍ଷଗୁଡ଼ିକ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯାଇନଥିବା ଜଣାପଡ଼ିଛି। ଏହାସହ ଏହି କେନ୍ଦ୍ର ମାନଙ୍କରେ ଡାକ୍ତର, ନର୍ସ ଓ ସ୍ୱାସ୍ଥ୍ୟକର୍ମୀଙ୍କ ଉପସ୍ଥିତି ସହ ଜରୁରୀ ଔଷଧ ମହଜୁଦ ରଖିବା ଆବଶ୍ୟକ। ପ୍ରତିବର୍ଷ ପ୍ରାୟ ୩ ଶହରୁ ଉର୍ଦ୍ଧ୍ୱ ଲୋକ ଅଂଶୁଘାତ ଆକ୍ରାନ୍ତ ହେଉଥିବାବେଳେ ପ୍ରତିବର୍ଷ ପ୍ରାୟ ୧୦ରୁ ଅଧିକ ଅଂଶୁଘାତ ମୃତ୍ୟୁ ନେଇ ଅଭିଯୋଗ ହେଉଛି। ସମ୍ବଲପୁର ସହରାଞ୍ଚଳରେ ମହାନଗର ନିଗମ ପକ୍ଷରୁ ଜଳଛତ୍ର ଖୋଲା ଯାଇଥିଲେ ହେଁ ତାହା ବ୍ୟବସ୍ଥିତ ହୋଇ ନ ଥିବା ସୂଚନା ମିଳିଛି।

# ସାହାସପୁରରେ ରାତ୍ରିକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ

**ସମ୍ବଲପୁର, ୧୬।୪(ସମିସ):** ମାନେଶ୍ୱର ବ୍ଲକ ସାହାସପୁର ଗ୍ରାମରେ ପ୍ରଥମ ୫ ଦିନିଆଶ୍ରୀ ଗିରିଗୋବର୍ଦ୍ଧନ ରାତ୍ରିକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ଟୁର୍ଣ୍ଣାମେଣ୍ଟରେ ୩୪ଟି ଦଳ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଦିନରେ ୯ଟି ଦଳ ମଧ୍ୟରେ ୮ଟି ମ୍ୟାଚ୍ ଖେଳା ଯାଇଥିବା ବେଳେ, ଜୟଘଣ୍ଟ ଦଳ ସେମିଫାଇନାଲକୁ ପ୍ରବେଶ କରିଛି।ଖେଳ ପରିଚାଳନାରେ ରାମ ମହାପାତ୍ର, କୁନ୍ଦାଳ ପାଣ୍ଡେ, ବିକାଶ ବେହେରା ଓ ବାବିଲି ଭୋଇ ସହଯୋଗ କରିଥିଲେ। ଟୁର୍ଣ୍ଣାମେଣ୍ଟ ଅବସରରେ ଗାଁର ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା।ପରେ ଶୋଭାଯାତ୍ରାରେ ଖେଳାଳି ଓ ଗ୍ରାମବାସୀ ପଡ଼ିଆକୁ ପହଞ୍ଚିଥିଲେ। ଉଦ୍‌ଘାଟନୀ ଅବସରରେ ମୁଖ୍ୟଅତିଥି ଭାବେ ରମେଶ ପ୍ରଧାନ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ତ୍ରିଲୋଚନ ପଣ୍ଡା, ସରପଞ୍ଚ ଦିବାକର ବିଶ୍ୱାଳ, ସମିତି ସଭ୍ୟା ଲିନା ମହାପାତ୍ର, ନୀଳମଣି ସାହୁ, ରାଧାସ୍ୱାମୀ ପଧାନ ଓ ପାର୍ଥସାରଥୀ ସାହୁ ଉପସ୍ଥିତ ଥିଲେ। ଆୟୋଜନକୁ ସଫଳ କରିବା ପାଇଁ ଅଲେଖ ପ୍ରଧାନ, ଧରଣୀଧର ସାହୁ, ସୁରଞ୍ଜିତ ବଡ଼ପଣ୍ଡା, ଆଲୋକ ବେହେରା, ମନିଷ ଦେହେରୀ, ଚିତ୍ତରଞ୍ଜନ ବାଗ, ଅମିତ ପ୍ରଧାନ, ସୁଶାନ୍ତ ସାହୁ, ଟିଙ୍କୁ ସାହୁ, ବୀରେନ୍ଦ୍ର ପାଣ୍ଡେ, ସ୍ୱାଗତ ବେହେରା, ଜଗବନ୍ଧୁ ସାହୁ, ମଣ୍ଟୁ ସାହୁ, ରାଜା ଚୌଧୁରୀ ସହଯୋଗ କରିଥିଲେ।

# ହିଣ୍ଡାଲ୍‌କୋ ପକ୍ଷରୁ 'ଜ୍ଞାନାର୍ଜନ' କେନ୍ଦ୍ର ଉଦ୍‌ଘାଟିତ



**ହୀରାକୁଦ, ୧୬।୪(ସମିସ):** ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ପାରିପାର୍ଶ୍ୱିକ ଉନ୍ନୟନ ପଦକ୍ଷେପ ଅନୁସାରେ ହୀରାକୁଦ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଶିକ୍ଷାର ଗୁଣମାନ ବୃଦ୍ଧି ଏବଂ ଉଚ୍ଚ ଶିକ୍ଷା ପାଇଁ 'ଜ୍ଞାନାର୍ଜନ କେନ୍ଦ୍ର'ର ଉଦ୍‌ଘାଟନ କରାଯାଇଛି। ବ୍ଲକ ଶିକ୍ଷା ଅଧିକାରୀ କରଣ ଶର୍ମା, ହିଣ୍ଡାଲକୋ ଓଡ଼ିଶା କ୍ଲଷ୍ଟର ମାନବସମ୍ବଳ ମୁଖ୍ୟ ଡ଼.କୃଷ୍ଣା ପାଢ଼ୀ ଓ ଏଫଆରପି ପ୍ଲାଣ୍ଟ ମୁଖ୍ୟ ସୁରଜିତ ମିତ୍ର କେନ୍ଦ୍ର ଉଦ୍‌ଘାଟନ କରିଥିଲେ। ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ସପ୍ତଶ୍ରୀ ମହାପାତ୍ର, ହିଣ୍ଡାଲକୋ ମାନବସମ୍ବଳ ମୁଖ୍ୟ ବିଶ୍ୱାସ ସିନ୍ହେଧ, ହିଣ୍ଡାଲକୋ ସ୍ମେଲ୍ଟର ପ୍ଲାଣ୍ଟ ମୁଖ୍ୟ ପ୍ରତାପ ସାହୁ, ସିଏସ୍‌ଆର ଓଡ଼ିଶା କ୍ଲଷ୍ଟର ମୁଖ୍ୟ ଶିବ ମହାପାତ୍ର, ସିଏସ୍‌ଆର ଉପଦେଷ୍ଟା ସୁକାନ୍ତ କୁମାର ମହାପାତ୍ର, ଏଫଆରପି ଆଇଆର ମୁଖ୍ୟ ସମୀର ମହାନ୍ତି, ସିଆରପି ମୁଖ୍ୟ ଆନନ୍ଦ ଚକ୍ରବର୍ତ୍ତୀ, ଏଫଆରପି ସିଏସ୍‌ଆରମୁଖ୍ୟ ଜୀତେଶ ରଥ, ଅର୍ଥବିଭାଗ ମୁଖ୍ୟ ଶରଘବୀନ୍ଦ୍ର ଆଚାର୍ଯ୍ୟ, ବିରାଟ ଗ୍ରୁପର ନିର୍ଦ୍ଦେଶକ ରାହୁଲ ରାଜଙ୍କ ସହ ବହୁ ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ହିଣ୍ଡାଲକୋ ଓଡ଼ିଶା କ୍ଲଷ୍ଟର ମାନବ ସମ୍ବଳ ମୁଖ୍ୟ ଡ଼.କ୍ରୀଷ୍ଣା ପାଢ଼ୀ ଉଦ୍‌ବୋଧନରେ ହିଣ୍ଡାଲକୋ ଓ ହୀରାକୁଦ ଏକ ପରିବାର। ଶିକ୍ଷା, ସ୍ୱାସ୍ଥ୍ୟ ଓ ଭିତ୍ତିଭୂମି ଉନ୍ନତି ମାଧ୍ୟମରେ ସ୍ଥାନୀୟ ଅଞ୍ଚଳର ସର୍ବାଙ୍ଗୀନ ବିକାଶ ପାଇଁ ହିଣ୍ଡାଲକୋ ସଦା ପ୍ରୟାସରତ। ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଶସପ୍ତଶ୍ରୀ ମହାପାତ୍ର ହିଣ୍ଡାଲକୋଙ୍କ ପ୍ରୟାସକୁ ପ୍ରଶଂସା କରି କହିଥିଲେ। ଜ୍ଞାନାର୍ଜନ କେନ୍ଦ୍ର ପରିଚାଳନା ପାଇଁ ହିଣ୍ଡାଲକୋ ଏଫଆରପି ପ୍ଲାଣ୍ଟ ମୁଖ୍ୟ ସୁରଜିତ ମିତ୍ର ଓ ବିରାଟ ଗ୍ରୁପର ନିର୍ଦ୍ଦେଶକ ରାହୁଲ ରାଜଙ୍କ ମଧ୍ୟରେ ଏକ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିଲା। ହିଣ୍ଡାଲକୋ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର ଜୟଶ୍ରୀ ରାଓ, ସନ୍ତୋଷ କୁମାର ତ୍ରିପାଠୀ, ମିଲନ କୁମାର ସାହୁ, ରିଆଜ୍ ନାଗଙ୍କ ଓ ବିରାଟ ଗ୍ରୁପର ଜ୍ୟୋତି ରଞ୍ଜନ ଆଚାର୍ଯ୍ୟ ଓ ବିଦ୍ୟାଳୟର ବହୁ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ ରହିଥିଲା।

# ୧ରୁ ପଞ୍ଚାୟତସ୍ତରରେ ଧାରଣା ଦେବେ କେନ୍ଦୁପତ୍ର ତୋଳାଳି ଓ କର୍ମଚାରୀ

**ସମ୍ବଲପୁର, ୧୬।୪ (ସମିସ)**

ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର କର୍ମକର୍ତ୍ତା ଓ କାର୍ଯ୍ୟକାରୀ କମିଟିର ଭିଡିଓ କନଫରେନ୍ସିଂ ଜରିଆରେ ଏକ ଜରୁରୀ ବୈଠକ ଆଜି ମ୍ୟୁନିସିପାଲିଟି ଛକ ନିକଟସ୍ଥ ସାମ୍ବାଦିକ ଭବନରେ ସଂଘର ସଭାପତି ବିଜୟ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଗତ ଏପ୍ରିଲ ୧୦ ତାରିଖରୁ କେନ୍ଦୁପତ୍ର ସଂଗ୍ରହ ଆରମ୍ଭ ହୋଇ ଯାଇଥିବା ସତ୍ତ୍ୱେ କେନ୍ଦୁପତ୍ରର କେରି ପ୍ରତି ନୂତନ ଦର, ସିଜିନାଲ କର୍ମଚାରୀ ମାନଙ୍କ ମାସିକ ମଜୁରୀ ଏବଂ ବନ୍ଧେଇ ଶ୍ରମିକ ମାନଙ୍କ ବଣ୍ଡଲ ପ୍ରତି ନୂତନ ଦର ଘୋଷଣା ନ ହେବା ପରିପ୍ରେକ୍ଷୀରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଫେବୃଆରୀ ଓ ମାର୍ଚ୍ଚ ମାସରେ କେନ୍ଦୁପତ୍ର ସଂଗ୍ରହ ଆରମ୍ଭ ହେବା ବହୁପୂର୍ବରୁ ଘୋଷଣା କରାଯିବା ସରକାରୀ ପରମ୍ପରା ରହିଆସିଛି। ଏପରିକି ବର୍ଦ୍ଧିତ ବୋନସ ମଧ୍ୟ ପ୍ରଦାନ ଘୋଷଣା ହେବା କଥା, ତାହା ମଧ୍ୟ ହେଲାନାହିଁ। ଆହୁରି ମଧ୍ୟ ବର୍ତ୍ତମାନର ସରକାରୀ ଦଳର ନିର୍ବାଚନ ଇସ୍ତାହାରରେ ଘୋଷଣା ହୋଇଥିବା କେରି ପ୍ରତି ୨ ଟଙ୍କା ଦର ଧାର୍ଯ୍ୟ ଏବଂ ବୋନସ ପରିମାଣ ବୃଦ୍ଧି ଘୋଷଣା ସରକାର ପାଳନ କଲେନାହିଁ। ପୂର୍ବରୁ ୧୭ ଦଫା ଦାବୀ ନିମନ୍ତେ ସଂଘ ଗତ ଫେବୃଆରୀ ୨୦ ଓ ୨୧ ତାରିଖରେ ରେଞ୍ଜ ଅଫିସମାନଙ୍କରେ ଗଣଧାରଣା ଦେବାପରେ ଫେବୃଆରୀ ୨୭ ତାରିଖ ରାସ୍ତାରୋକ ଆନ୍ଦୋଳନ ପାଇଁ ସଜବାଜ ହେବାବେଳକୁ ସରକାରଙ୍କ ଅନୁରୋଧକ୍ରମେ ଏବଂ ସରକାର ଆଲୋଚନା କରିବାକୁ ମାର୍ଚ୍ଚ ୨ ତାରିଖରେ ନିମନ୍ତ୍ରଣ କରିବାରୁ ରାସ୍ତାରୋକ୍ ଆନ୍ଦୋଳନ ସ୍ଥଗିତ କରାଯାଇଥିଲା। ଏହି ପରିପେକ୍ଷୀରେ ସରକାରଙ୍କ ପକ୍ଷରୁ ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମାଙ୍କ ସହ ଆଲୋଚନା ହୋଇଥିଲା। ଏହାପରେ ଦେଢ଼ ମାସ ସମୟ ଅତିବାହିତ ହୋଇଥିଲେ ମଧ୍ୟ ସରକାର ନୀରବ ରହି ଦାବିପୂରଣ ଦିଗରେ ପଦକ୍ଷେପ ନେଲେନାହିଁ।



ବରଂ ଗତ ଫେବୃଆରୀ ମାର୍ଚ୍ଚ ମାସର ପ୍ରଥମ ସପ୍ତାହ ସୁଦ୍ଧା ହୋଇଥିବା ଗୋଛା କଟେଇ କରିଥିବା ହଜାର ହଜାର ଗୋଛା କଟାଳି ଶ୍ରମିକମାନେ ଆଜି ପର୍ଯ୍ୟନ୍ତ ତାଙ୍କର ମଜୁରୀ ପାଉଣା ପାଇ ପାରିନାହାଁନ୍ତି।

ଏହି ପରିସ୍ଥିତିରେ ସଂଘର ଆଜିର ଜରୁରୀ ବୈଠକରେ ଆନ୍ଦୋଳନକୁ ବ୍ୟାପକ ଓ ତୃଣମୂଳସ୍ତରକୁ ନେବାକୁ ନିଷ୍ପତ୍ତି ହୋଇଛି। ଏହି ନିଷ୍ପତ୍ତି ଅନୁସାରେ ମଇ ୧ ତାରିଖ ଆନ୍ତର୍ଜାତିକ ଶ୍ରମିକ ଦିବସ ତୋଳାଳୀ, କର୍ମଚାରୀ ଏବଂ ଆନୁସଙ୍ଗିକ ଶ୍ରମିକମାନେ କଳାବ୍ୟାଜ୍ ପରିଧାନ ସହ ଗ୍ରାମ ପଞ୍ଚାୟତ ମାନଙ୍କରେ ଧାରଣା ସମାବେଶରେ ଏକତ୍ର ହୋଇ ପ୍ରତିବାଦ କରିବେ ଏବଂ ହଜାର ହଜାର ସଂଖ୍ୟାରେ ଦସ୍ତଖତ ସମ୍ବଳିତ ଦାବୀପତ୍ର ମୁଖ୍ୟମନ୍ତ୍ରୀଙ୍କୁ ଦେବେ। ଏହାପରେ ଦାବିପୂରଣ ନ ହେଲେ ବଡ଼ ଧରଣର ଆନ୍ଦୋଳନ ପାଇଁ ପ୍ରସ୍ତୁତ ହେବେ। ବୈଠକ ପ୍ରାରମ୍ଭରେ ସଂଘର କୋଷାଧ୍ୟକ୍ଷ ତଥା ରାଉରକେଲା ଡିଭିଜନର ସମ୍ପାଦକ କ୍ଷେତ୍ରଚନ୍ଦ୍ର ବାରିକଙ୍କ ପରଲୋକରେ ଶୋକପ୍ରକାଶ କରାଯାଇ ନୀରବ ପ୍ରାର୍ଥନା କରାଯାଇଥିଲା। ବୈଠକରେ ସଂଘର ଉପସଭାପତି ଗୋକୁଳ ମେହେର ଓ ସରୋଜ କର୍ଣ୍ଣ, ସାଧାରଣ ସମ୍ପାଦକ ସଞ୍ଜିତ ମହାନ୍ତି ଏବଂ ସହଯୋଗୀ ସାଧାରଣ ସମ୍ପାଦକ ମହମ୍ମଦ ମୂର୍ତ୍ତୁଜା, ଶିବାନନ୍ଦ ପରିଛା ଏବଂ ଝାରସୁଗୁଡ଼ା ଡିଭିଜନ ସମ୍ପାଦକ ପ୍ରଦୀପ କୁମାର ସାହୁ, ଦେବଗଡ଼ ଡିଭିଜନ ସମ୍ପାଦକ ଭୁପେନ୍ଦ୍ର ପ୍ରସାଦ ନାୟକ, କେଉଁଝର ଡିଭିଜନ ସମ୍ପାଦକ ସଞ୍ଜୟ ଚୌଧୁରୀ, ରେଢ଼ାଖୋଲ ଡିଭିଜନ ସମ୍ପାଦକ କିଶୋର ପ୍ରଧାନ, ଅନୁଗୋଳ ଡିଭିଜନ ସମ୍ପାଦକ ରତ୍ନାକର ପ୍ରଧାନ, ଜୟପୁର ଡିଭିଜନ ସମ୍ପାଦକ ରାମ ମାଢ଼ି, ନବରଙ୍ଗପୁର ଡିଭିଜନ ସମ୍ପାଦକ ଭାଗିରଥୀ ବିଶୋଇ, ବୌଦ୍ଧ ଡିଭିଜନ ସମ୍ପାଦକ ଶ୍ରୀକାନ୍ତ ମିଶ୍ର, ରାଉରକେଲା ଡିଭିଜନ ଯୁଗ୍ମ ସମ୍ପାଦକ ଶୋଭାରାମ ପ୍ରଧାନ, ଆଠମଲ୍ଲିକ ଡିଭିଜନର ଯୁଗ୍ମ ସମ୍ପାଦକ ନବ ମାହାର, ରେଢ଼ାଖୋଲ ଡିଭିଜନର ନାକଟିଦେଉଳ ରେଞ୍ଜ ସମ୍ପାଦକ ଭିକାରୀ ପ୍ରଧାନ, ସମ୍ବଲପୁର ଡିଭିଜନର ଯୁଗ୍ମ ସମ୍ପାଦକ ରମେଶ ମାହାର, ଝାରସୁଗୁଡ଼ା ଡିଭିଜନର ଯୁଗ୍ମ ସମ୍ପାଦକ ଅଶୋକ ମାଝୀ, ନବ କିଶୋର ବେହେରା, ଦେବଗଡ଼ ଡିଭିଜନର ଜ୍ଞାନେନ୍ଦ୍ର ଗଡ଼ନାୟକ, ମିଡିଆ ସେଲ ସଂଯୋଜକ ଦେବଜ୍ୟୋତି ପଟ୍ଟନାୟକ, ସୁମିତ କୁମାର ପଟେଲ, ଚିତ୍ରସେନ ନାୟକ ଏବଂ ତୋଳାଳୀ କବିତା ତିର୍କି, ସୁସୁମା କୁସୁମା, ପାର୍ବତୀ ଗରଡିଆ, ପ୍ରମିଳା ପ୍ରଧାନ, ଅନିତା ନାଏକ, କନକ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

**ସିଏମ୍ ଟ୍ରଫି ଜୁନିୟର ବାଳିକା ଫୁଟବଲ ମ୍ୟାଚ୍**

# ସିଆଳଖଣ୍ଡହତା ଦଳ ଓ କନବାର କ୍ଲବ୍ ବିଜୟୀ

**ବରଗଡ଼, ୧୬ । ୪(ସମିସ)**



ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ତଥା ଫୁଟବଲ୍ ଆସୋସିଏସନ୍ ଅଫ ଓଡ଼ିଶା ଆନୁକୂଲ୍ୟରେ ବରଗଡ଼ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ସିଏମ୍ ଟ୍ରଫି ଫୁଟବଲ୍ ପ୍ରତିଯୋଗିତାର ଷଷ୍ଠ ଦିନରେ ବାଳିକାମାନଙ୍କ ମ୍ୟାଚ୍‌ରେ ସିଆଳଖଣ୍ଡହତା ଦଳ ଓ ଦ୍ୱିତୀୟ ମ୍ୟାଚ୍‌ରେ କନବାର ଫୁଟବଲ୍ କ୍ଲବ୍ ବିଜୟୀ ହୋଇଛନ୍ତି। ଗୁରୁବାର ଦିନ ସିଆଳଖଣ୍ଡହତା ବନାମ ଲେଣ୍ଡା ଏଫ୍‌ସି ମଧ୍ୟରେ ପ୍ରଥମ ମ୍ୟାଚ୍‌ରେ ସିଆଳଖଣ୍ଡହତା ଦଳ୨-୦ଗୋଲରେ ବିଜୟୀ ହୋଇଥିଲା।ଖେଳକୁ ପିଙ୍କି ହଂସ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନ୍‌ରେ ଅଜୟ ପଧାନ ଓ ଆଦିତ୍ୟ ନାୟକ ସହଯୋଗ କରିଥିଲେ। ଚତୁର୍ଥ ରେଫରି ଥିଲେ ପ୍ରଶାନ୍ତ ବେହେରା। ଗୁରୁବାର ଦିନ ସିମେଣ୍ଟ ନଗର ବନାମ କନବାର ଫୁଟବଲ୍ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ କନବାର ଫୁଟବଲ୍ କ୍ଲବ୍ ୩-୦ଗୋଲ୍‌ରେ ବିଜୟୀ ହୋଇଥିଲା। ଖେଳକୁ ରାଜେନ୍ଦ୍ର ଭୁଏ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନ୍‌ରେ ଝଷକେତନ ପଧାନ ଓ ଉମାକାନ୍ତ ସାହୁ ସହଯୋଗ କରିଥିଲେ। ଚତୁର୍ଥ ରେଫରି ଥିଲେ ପଞ୍ଚାନନ ପାତ୍ର। ମ୍ୟାଚ୍ କମିଶନର ଅଛନ୍ତି ସୁରେଶ କୁମାର ଦାଶ।

**ଅମ୍ବାଭୋନା ଆଦର୍ଶ ବିଦ୍ୟାଳୟ**

# ସିବିଏସ୍‌ଇ ଦଶମ ପରୀକ୍ଷାରେ ୯୮.୪୧% ପାସହାର

**ଅମ୍ବାଭୋନା, ୧୬। ୪(ସମିସ):** ଚଳିତ ବର୍ଷ ସିବିଏସ୍‌ଇ ଦଶମ ବୋର୍ଡ ପରୀକ୍ଷାଫଳରେ ଅମ୍ବାଭୋନାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀ ଉତ୍ତମ ପ୍ରଦର୍ଶନ କରି ସ୍ଥାନୀୟ ଅଞ୍ଚଳକୁ ଗର୍ବିତ କରିଛନ୍ତି। ଛାତ୍ରୀ ପାୟଲ





ନାଏକ ୯୭% ମାର୍କ ହାସଲ କରି ବିଦ୍ୟାଳୟର ଟପ୍ପର ହୋଇଥିବାବେଳେ, ଅଞ୍ଜଳି ସାଓ ୯୫.୮% ଓ ପ୍ରାଚୀ ନାଏକ ୯୪.୮% ମାର୍କ ସହ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହା ସହିତ ୯୦%ରୁ ଅଧିକ ମାର୍କ ରଖିଥିବା ଅନ୍ୟ ସଫଳ ଛାତ୍ରଛାତ୍ରୀମାନେ ହେଲେ କେଶବୀ ମେହେର, ଜାହ୍ନବୀ ସାହୁ, ଚିରାଗ ରୋଶନ ସିଂହ, ସନ୍ଦୀପ ପଧାନ, ଯଶୁ ନାଏକ, ବିବେକ ମହାନନ୍ଦ ଓ ପ୍ରତିମା ସେଠ୍। ବିଦ୍ୟାଳୟର ସମୁଦାୟ ପରିଣାମ ମଧ୍ୟ ଅତ୍ୟନ୍ତ ଉଲ୍ଲେଖନୀୟ ରହିଛି। ମୋଟ ୮୭% ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ, ସମଗ୍ର ପାସ ହାର ୯୮.୪୧% ରହିଛି। ବିଷୟଭିତ୍ତିକ ସଫଳତାରେ ପାୟଲ ନାଏକ ସାମାଜିକ ବିଜ୍ଞାନ ଓ ସୂଚନା ଓ ପ୍ରଯୁକ୍ତିବିଦ୍ୟାରେ ୧୦୦ରୁ ୧୦୦ମାର୍କ ରଖିଥିବା ବେଳେ, ଓଡ଼ିଆ ବିଷୟରେ ଜାହ୍ନବୀ ସାହୁ ମଧ୍ୟ ପୂର୍ଣ୍ଣ ୧୦୦ମାର୍କ ପାଇଛନ୍ତି। ଏହି ସଫଳତା ପରେ ବିଦ୍ୟାଳୟରେ ଖୁସିରମାହଲ ଦେଖାଯାଇଛି। ଅଧ୍ୟକ୍ଷ ଦିନେଶ ବିଶ୍ୱାଳ ସମସ୍ତ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ଅଭିନନ୍ଦନ ଜଣାଇ, ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# କନପୁରୀ-ବାଦିପାଲି ରାସ୍ତା ଉନ୍ନୟନ ପାଇଁ ଶିଳାନ୍ୟାସ



**ବିଜେପୁର, ୧୬।୪(ସମିସ):** ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ତାଳପଦର ପଞ୍ଚାୟତ କନପୁରୀ ଗ୍ରାମବାସୀଙ୍କ ଦୀର୍ଘ ଦିନର ଦାବି ପୂରଣ ହୋଇଛି।କନପୁରୀରୁ ବାଦିପାଲିକୁ ପ୍ରାୟ ସାଢେ ୪ କିଲୋମିଟର ରାସ୍ତାର ନବୀକରଣ ପାଇଁ ବିଜେପୁର ବିଧାୟକ ସନତ କୁମାର ଗଡ଼ତିଆ ଗୁରୁବାର ଦିନ ଶିଳାନ୍ୟାସ କରିଛନ୍ତି। ସୂଚନା ଯୋଗ୍ୟ ଯେ ଏହି ରାସ୍ତା ବହୁବର୍ଷରୁ ଖାଲ ଖମାରେ ଭର୍ତ୍ତି ହୋଇ ମରଣଯନ୍ତା ପାଲଟିଛି। ଗ୍ରାମବାସୀଙ୍କ ବାରମ୍ବାର ଦାବି ପରେ ବି ରାସ୍ତାର ସ୍ଥାୟୀ ମରାମତି ହେଉ ନଥିଲା। କେବଳ ମଝିରେ ରାସ୍ତାରେ ମୋରମ ପକାଇ ନିମ୍ନମାନର କାମ କରାଯାଉଥିଲା। ଫଳରେ ପ୍ରାୟ ଦୁଇ ଦଶନ୍ଧି ହେବ ଗ୍ରାମବାସୀଙ୍କ ମନରେ ତୀବ୍ର ଅସନ୍ତୋଷ ରହି ଆସୁଥିଲା। ଗ୍ରାମବାସୀ ବାରମ୍ବାର ପ୍ରଶାସନ ଓ ଜନପ୍ରତିନିଧିମାନଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଥିଲେ। ସାମାଜିକ କର୍ମୀ ଟଙ୍କଧର ସାବତ ସାମାଜିକ ଗଣ ମାଧ୍ୟମରେ ବାରମ୍ବାର ଏହି ସମସ୍ୟା ପୋଷ୍ଟିଂ କରି ଆସୁଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ବାଦିପାଲିରୁ କେ.ନୂଆପାଲି ପର୍ଯ୍ୟନ୍ତ ପ୍ରାୟ ସାଢେ ୪ କିଲୋମିଟର ରାସ୍ତାର ଉନ୍ନତିକରଣ ପାଇଁ ଗୁରୁବାର ଦିନଶୁଭ ଦେବା ପରେ ଗ୍ରାମବାସୀ ଉତ୍ସାହିତ ରହିଛନ୍ତି। ସାଢ଼େ ୪ କିଲୋମିଟର ରାସ୍ତା ପାଇଁ ୩୮୬ ଲକ୍ଷ ଟଙ୍କାର ଅଟକଳ ମୂଲ୍ୟ ରଖାଯାଇଛି। ବାଦିପାଲି, କନପୁରୀ, ତାଳପଦର ଓ ମୁଣ୍ଡୋମହୁଲ ଅଞ୍ଚଳର ଲୋକମାନେ ସିଧାସଳଖ ଉପକୃତ ହୋଇପାରିବେ।

# ବିଜେପୁର ଆଦର୍ଶ ବିଦ୍ୟାଳୟର ସଫଳତା

**ବିଜେପୁର, ୧୬।୪ (ସମିସ):** ବରଗଡ଼ ଜିଲ୍ଲା ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଏମ୍.ଗଣ୍ଡପାଲି, ବିଜେପୁରର ଛାତ୍ରଛାତ୍ରୀ ଚଳିତ ବର୍ଷର ସିବିଏସ୍‌ଇ ଦଶମ ପରୀକ୍ଷାରେ ଉଲ୍ଲେଖନୀୟ ସଫଳତା ହାସଲ କରି ବିଦ୍ୟାଳୟ ତଥା ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ବିଦ୍ୟାଳୟର ୭୩ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ବିଦ୍ୟାଳୟର ପାସ୍‌ହାର ୯୩% ରହିଛି। ଚଳିତ ବର୍ଷ ପରୀକ୍ଷାରେ ଅନେକ ଛାତ୍ରଛାତ୍ରୀ ଉଚ୍ଚ ମାର୍କ ରଖି କୃତକାର୍ଯ୍ୟ ହୋଇଛନ୍ତି। ବିଦ୍ୟାଳୟର ରୁବି ଭୁଏ ୯୭% ମାର୍କ ରଖି ଶୀର୍ଷ ସ୍ଥାନରେ ରହିଥିବା ବେଳେ ପ୍ରିୟା କ୍ଷେତି ୯୫%, ଆରାଧନା ରଥ ୯୩%, ଲିଜା ନାଏକ ୯୧.୮%, ରୋୟିନା ସାହୁ ୯୧%, ଶ୍ରୀୟା ସାହୁ ୯୦.୮%, ସୋନମ ମେହେର ୯୦.୮% ଏବଂ ଆଲିଶା ରାଣୀ ନନ୍ଦ ୯୦.୨% ନମ୍ବର ରଖି ନିଜର ପ୍ରତିଭା ପ୍ରତିପାଦନ କରିଛନ୍ତି। ସଫଳତା ପାଇଁ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ କଠିନ ପରିଶ୍ରମ ତଥା ଅଧ୍ୟକ୍ଷ ଏବଂ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ନିରନ୍ତର ପ୍ରଚେଷ୍ଟା ଓ ସଠିକ୍ ମାର୍ଗଦର୍ଶନକୁ ଶ୍ରେୟ ଦିଆଯାଇଛି।ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ବିଦ୍ୟାଳୟ ପରିସରରେ ଏବଂ ଅଭିଭାବକମାନଙ୍କ ମଧ୍ୟରେ ଉତ୍ସାହର ପରିବେଶ ଦେଖିବାକୁ ମିଳିଛି।

# ଆଗ ଜମି ଦିଅ ପରେ ଘର ଭାଙ୍ଗିବ

**ବରଗଡ଼, ୧୬।୪(ସମିସ):** ଜିଲ୍ଲା ପ୍ରଶାସନ ପକ୍ଷରୁ ଜବରଦଖଲ ଜମି ଚିହ୍ନଟ କରାଯାଇ ଘର ଉଚ୍ଛେଦ କରାଯାଉଥିବା ବେଳେ କେନାଲଡ଼ିହିରେ ବାସ କରୁଥିବା ଜବରଦଖଲକାରୀଙ୍କ ଘର ଉଚ୍ଛେଦ କରାଯାଇଥିଲା। ତେବେ ପ୍ରଶାସନ ତାଙ୍କୁ ୧୫ ଦିନ ସମୟ ଦେଇଥିଲା ଏବଂ ଜମି ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ମଧ୍ୟ ଦିଆଯାଇଥିଲା କିନ୍ତୁ ବର୍ତ୍ତମାନ ୧୭ ତାରିଖ ଘର ଖାଲି କରିବା ପାଇଁ ଡାକବାଜି ଯନ୍ତ୍ରରେ ସୂଚନା ଦିଆଯାଉଥିବା ବେଳେ ବର୍ତ୍ତମାନ ପ୍ରବଳ ଖରାରେ କେଉଁ ସ୍ଥାନକୁ ଯିବେ ବୋଲି ଅଞ୍ଚଳବାସୀ ସରକାର ଓ ପ୍ରଶାସନଙ୍କୁ ପ୍ରଶ୍ନ କରିଛନ୍ତି। ଜମି ଦିଆଯାଇ ଘର ଉଚ୍ଛେଦ କରାଯିବ ବୋଲି ଜଣାଯାଇଥିବା ବେଳେ ଆଜି ପର୍ଯ୍ୟନ୍ତ ପ୍ରଶାସନ ଜମି ଦେଇ ନାହିଁ ତେବେ ଜମି ଦିଆଯାଇ ଘର ଉଚ୍ଛେଦ କରାଯାଉ ବୋଲି ଦାବି କରିଛନ୍ତି। ଅଞ୍ଚଳରେ ଶିଶୁ, ବୃଦ୍ଧ ବୃଦ୍ଧା ତଥା ଅନେକ ରୋଗୀ ରହିଥିବା ବେଳେ ଖରାରେ ଉଚ୍ଛେଦ କରାଗଲେ କେଉଁ



ସ୍ଥାନରେ ରହିବେ ବୋଲି ଜିଲ୍ଲାପାଳଙ୍କୁ ଜଣାଇଛନ୍ତି। ପ୍ରଥମେ ଥଇଥାନ କରାଯାଉ ପରେ ଘର ଉଚ୍ଛେଦ ହେଉ ବୋଲି ଜିଲ୍ଲା ପ୍ରଶାସନ ଓ ସରକାରକୁ ଅନୁରୋଧ କରିଛନ୍ତି।

# ଅବସରପ୍ରାପ୍ତ ଶିକ୍ଷୟିତ୍ରୀଙ୍କ ପରଲୋକ

**ବରଗଡ଼, ୧୬।୪(ସମିସ):** ବରଗଡ଼ ଉପକଣ୍ଠ ଖୁଣ୍ଟପାଲି ଗ୍ରାମର ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ନମିତା ଦାଶଙ୍କ ୬୨ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ତୋରା ସମଲେଶ୍ୱରୀ



ସ୍କୁଲ, ବେହେରା ଟିକ୍ରା, ଗୋବିନ୍ଦ ପାଲି ଆଦି ସ୍କୁଲମାନଙ୍କରେ ଶିକ୍ଷାଦାନ କରି ଜଣେ ଛାତ୍ର ବତ୍ସଳା, ଉତ୍ତମ ଶିକ୍ଷୟିତ୍ରୀ ଭାବେ ସମସ୍ତଙ୍କ ପାଶେ ପରିଚିତ ଥିଲେ। ତାଙ୍କ ବିୟୋଗରେ ଉକ୍ତ ଗ୍ରାମର ସ୍କୁଲ ତଥା ଖୁଣ୍ଟପାଲି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁ ଶଯ୍ୟା ନିକଟରେ ସ୍ୱାମୀ ମିନକେତନ ଦେବତା, ଦିଅର ପିତାମ୍ବର ଦେବତା, ବଡଭାଇ ସୁରେଶ କୁମାର ଦାଶ, ସାନଭାଇ ଅଶ୍ୱିନୀ କୁମାର ଦାଶ ସାନ ଭଉଣୀ ସଞ୍ଜିତା ଦାଶ ଓ ସମ୍ପର୍କୀୟ ତଥା ଖୁଣ୍ଟପାଲି ଗ୍ରାମବାସୀ ଉପସ୍ଥିତ ଥିଲେ। ଖୁଣ୍ଟପାଲି ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୁତୁରା ଶିବ ଦେବତା ମୁଖାଗ୍ନି ଦେଇଥିଲେ।

# ପରିବେଶ ସଚେତନତା ବାର୍ତ୍ତା ବାଣ୍ଟିଲେ ଶ୍ରୀବତ୍ସ

**ବରଗଡ଼ ୧୬।୪(ସମିସ):** ପରିବେଶ ସୁରକ୍ଷିତ ରହିଲେ ଆମେ ସୁରକ୍ଷିତ ରହିବା। ପରିବେଶକୁ ସନ୍ତୁଳିତ ରଖିବା ପାଇଁ ବ୍ୟାପକ ବୃକ୍ଷରୋପଣର ଆବଶ୍ୟକତା ରହିଛି ବୋଲି ବିଶିଷ୍ଟ ପ୍ରକୃତିପ୍ରେମୀ ଶ୍ରୀବତ୍ସ ଗଡ଼ତିଆ ରାଣା ପ୍ରତାପ ସ୍କୁଲରେ ସଙ୍ଗୀତ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ସଚେତନତାର ବାର୍ତ୍ତା ପ୍ରଦାନ କରିଛନ୍ତି। ପ୍ରଧାନଶିକ୍ଷକ ସୁଦୀପ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିକ୍ଷକ ଅନିଲ ସାବତ ଉପସ୍ଥିତ ରହି ପରିବେଶ ସୁରକ୍ଷାରେ ଛାତ୍ରଛାତ୍ରୀଙ୍କ ଭୂମିକା ଓ କର୍ତ୍ତବ୍ୟ ସମ୍ବନ୍ଧରେ ଅବଗତ କରାଇଥିଲେ। ଶ୍ରୀ ଗଡ଼ତିଆ ପରିବେଶ ସୁରକ୍ଷା ଆଧାରିତ ସ୍ୱରଚିତ ତିନୋଟି ଗୀତଗାନ କରିଥିଲେ। ପରିଣତ ବୟସରେ ବି ବିଭିନ୍ନ ବିଦ୍ୟାଳୟକୁ ଯାଇ ଛାତ୍ରଛାତ୍ରୀଙ୍କୁ ପରିବେଶ ସୁରକ୍ଷା ପାଇଁ ସଚେତନ କରାଉଥିବାରୁ ବିଦ୍ୟାଳୟର ଭାରତୀ ଶିଶୁ ସାହିତ୍ୟ ସଂସଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦିକା ସାଳୀନି ସା ଧନ୍ୟବାଦ୍ ଅର୍ପଣ କରିଥିଲେ।



# ଆମ୍ବେଦକର ଜୟନ୍ତୀ

**ବରଗଡ଼, ୧୬।୪(ସମିସ):** ବରଗଡ଼ ବ୍ଲକ ବଗେଇବିରା ଆମ୍ବେଦକର ଯୁବା ସଂଘ ତରଫରୁ ବୋଧିସତ୍ୱ ଆମ୍ବେଦକରଙ୍କର ଜୟନ୍ତୀ ପାଳନ କରିଛି।ଯୁବା ସଂଘର ସଭାପତି ପୁରନ୍ଦର ଭୋସାଗରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଜୟନ୍ତୀ ପାଳନ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଆମ୍ବେଦକରବାଦୀ ସଂଗଠନ ଓ ସାମାଜିକ ସଂଗଠନ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବାବାସାହେବଙ୍କ ଜୀବନୀ ଓ ସଂଘର୍ଷ ବିଷୟରେ ସମସ୍ତେ ନିଜ ନିଜ ଅଭିଭାଷଣ ରଖିଥିବା ବେଳେ ସଂଘର ସଭାପତି ନିଜ ଅଭିଭାଷଣ କହିଥିଲେ। ବାବାସାହେବଙ୍କ ବିଚାର ଓ ଭାରତୀୟ ସମ୍ବିଧାନକୁ ସମସ୍ତ ଲୋକଙ୍କ ପାଖକୁ ପହଞ୍ଚାଇବା ଆବଶ୍ୟକ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଆଲୋଚନା ହୋଇଥିଲା ଯେ' ବରଗଡ଼ ଜିଲ୍ଲାରେ ଥିବା ସମସ୍ତ ସ୍କୁଲ କଲେଜ, ସରକାରୀ ଅଫିସ, ପୁଲିସ ଷ୍ଟେସନରେ ଆମ୍ବେଦକରଙ୍କ ଫଟୋ ଲଗାଇବା ସହ ବରଗଡ଼ ଟାଉନରେ ବାବାସାହେବଙ୍କ ନାମରେ ବହୁତ ବଡ଼ ଲାଇବ୍ରେରୀ ନିର୍ମାଣ କରାଯିବା ଦାବି ହୋଇଛି। ପରେ ଯୁବା ସଂଘର ସଭାପତି ପୁରନ୍ଦର ଭୋସାଗର ନିଜର ସୋସିଆଲ ମିଡିଆ ଟୁଇଟର (ଏକ୍ସ) ଆକାଉଣ୍ଟରେ ବରଗଡ଼ ଜିଲ୍ଲା ପ୍ରଶାସନକୁ ଟ୍ୟାଗ୍ କରି ପୋଷ୍ଟ ମାଧ୍ୟମରେ ଅନୁରୋଧ କରିଛନ୍ତି।



# ଚିଚିଣ୍ଡା ପଲ୍ଲିଶ୍ରୀ କଲେଜରେ ଓଡ଼ିଆ ପକ୍ଷ ପାଳନ

**ଥୁଆପାଲି, ୧୬।୪(ସମିସ):** ବରଗଡ଼ ଜିଲ୍ଲା ଭେଡେନ ବ୍ଲକସ୍ଥିତ ପଲ୍ଲିଶ୍ରୀ ମହାବିଦ୍ୟାଳୟ ଚିଚିଣ୍ଡାରେ ଓଡ଼ିଆ ପକ୍ଷ ପାଳନର ବନ୍ଦନୀୟ ବରପୁତ୍ର ଦିବସ ଅବସରରେ ଅଧ୍ୟକ୍ଷ ରାମଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଲୋଚନାର ବିଷୟବସ୍ତୁ 'ଗଙ୍ଗାଧରଙ୍କ ସାହିତ୍ୟକୁ ବ୍ରଜମୋହନ ପଣ୍ଡାଙ୍କ ପୃଷ୍ଠ ପୋଷକତା' ଥିବା ବେଳେ ଲରମ୍ଭା ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଡ଼. ଅଜିତ କୁମାର ନାଥ ଆଲୋଚକ ଭାବରେ ଯୋଗଦାନ କରିଥିଲେ। ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପିକା ମନ୍ମୟୀ ବାବୁ ମଞ୍ଚସୀନ ରହି ଓଡ଼ିଆ ପକ୍ଷ ପାଳନର ଉଦେଶ୍ୟ ଜ୍ଞାପନ କରିଥିବା ବେଳେ ଓଡ଼ିଆ ଅଧ୍ୟାପକ ସନ୍ତୋଷ କୁମାର ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମେହେର ସାହିତ୍ୟକୁ କବି ବ୍ରଜମୋହନ ପଣ୍ଡାଙ୍କ ଅବଦାନ ତଥା ଉଭୟ ବିଦ୍ଧାଣିଙ୍କ ଲିଖିତ କାବ୍ୟ ଗୁଡିକରେ ପ୍ରକୃତିର ଜୀବନ୍ତ ଚିତ୍ରକୁ ଉପସ୍ଥାପନ କରାଯାଇଥିଲା ମାନପତ୍ର ଓ ଉପଢୌକନ ପ୍ରଦାନ ସହ ସାହିତ୍ୟ ସାଧନ ପାଇଁ ଆଲୋଚକଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ଅଧ୍ୟାପକ ବୈଷ୍ଣବ ବାଗ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ପଦ୍ମନାଭ ବେହେରା, ଅଧ୍ୟାପିକା ମନ୍ଦାକିନୀ ମେହେର, ସସ୍ମିତା ମେଣ୍ଡଲୀ ସହ ସମସ୍ତ କର୍ମକର୍ତ୍ତା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ଫ୍ରେଣ୍ଡସ୍ ଆସୋସିଏସନର ବାର୍ଷିକ ବୈଠକ

**ବରଗଡ଼, ୧୬।୪ (ସମିସ):** ଫ୍ରେଣ୍ଡସ ଆସୋସିଆସନ ସମ୍ବଲପୁରର ବାର୍ଷିକ ବୈଠକ ବରଗଡ଼ ସ୍ଥିତ ହୋଟେଲ ଟୁଲି ପ୍ରିମିୟମରେ ଉଦ୍ଧବ ଚରଣ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଅଛି।୧୯୮୬ ରୁ ଆରମ୍ଭ ହୋଇଥିବା ସାମାଜିକ ସେବା ସଂସ୍ଥା ଓଡ଼ିଶା ଓ ତତ୍କାଳୀନ ମଧ୍ୟ ପ୍ରଦେଶର ବିଭିନ୍ନ ଗ୍ରାମକୁ ଯାଇ ସେଠାରେ ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣାରେ ଔଷଧ ବଣ୍ଟନ ସହ ଗ୍ରାମର ସୋସିଓ ଇକୋନୋମିକ ସର୍ଭେ କରି ରାଜ୍ୟ ସରକାରଙ୍କୁ ରିପୋର୍ଟ ପଠା ଯାଉଥିଲା। ଗତ ବର୍ଷ ଠାରୁ ସଭ୍ୟମାନେ ସଂସ୍ଥାକୁ ପୁନର୍ଜୀବିତ କରି ବିଭିନ୍ନ ସେବା କାର୍ଯ୍ୟ କରି ଆସୁଛନ୍ତି। ଓଡ଼ିଶାର ବିଭିନ୍ନ ବୃଦ୍ଧାଶ୍ରମ, ଅନାଥାଶ୍ରମ, ମନ୍ଦିର ପରିସରରେ ରହିଥିବା ଭକ୍ତ ଓ ଗରିବ ଶ୍ରେଣୀର ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ମାଗଣାରେ ଔଷଧ, ଖାଦ୍ୟ, ବସ୍ତ୍ର ତଥା ଅନ୍ୟାନ୍ୟ ସାମଗ୍ରୀ ପ୍ରଦାନ କରିବାପାଇଁ ସମସ୍ତ ସଦସ୍ୟ ସହମତ ହୋଇଥିଲେ। ଏତତ୍ ବ୍ୟତିତ ଗରିବ ଶ୍ରେଣୀର ଲୋକଙ୍କ ଶିକ୍ଷା, ଚିକିତ୍ସା ଓ ସାମାଜିକ କାର୍ଯ୍ୟ ପାଇଁ ଆର୍ଥିକ ସହାୟତା କରିବାପାଇଁ ସମସ୍ତେ ଏକମତ ହୋଇଥିଲେ। ବୈଠକରେ ଢେଙ୍କାନାଳର କ୍ଷୀତିଶ ଜେନାମଣି, ବରଗଡ଼ର ଉଦ୍ଧବ ଚରଣ ବେହେରା, ସୂର୍ଯ୍ୟ କୁମାର ବଡ଼ପଣ୍ଡା, ସରୋଜ ସାହୁ, ହିମାଂଶୁ ନାୟକ, ସମ୍ବଲପୁରର ଡ.ଅଲେଖ ମହାପାତ୍ର, ହୃଷିକେଶ ଷଡ଼ଙ୍ଗୀ, ଗଣେଶ ହଲିତ୍, ଧମାର କାହ୍ନୁ ଚରଣ ଦାସ, ଅତାବିରାର ପଞ୍ଚା ପାତ୍ର, ସଦାନନ୍ଦ ପଧାନ ଯୋଗଦେଇ ନିଜ ନିଜର ମତ ରଖିଥିଲେ।

# ସହରରେ ଡ୍ରେନେଜ ବ୍ୟବସ୍ଥା ଶୋଚନୀୟ



**ବରଗଡ଼, ୧୬।୪(ସମିସ):** ସହରର ଆକାର ଯେତିକି ବୃଦ୍ଧି ହେଉ ଥାଏ ସେହିପରି ଭାବେ ଡ୍ରେନେଜ ବ୍ୟବସ୍ଥା ମଧ୍ୟ ଆବଶ୍ୟକ ପଡୁଛି। ହେଲେ ବରଗଡ଼ ସହରର ଅନେକ ସ୍ଥାନ ଅଛି ଯେଉଁଠି ଉତ୍ତମ ବ୍ୟବସ୍ଥା ନଥିବାରୁ ଡ୍ରେନ ପାଣି ବାହାରି ପାରୁ ନାହିଁ। ବରଗଡ଼ ଜେଲ ପଛପଟ ରାସ୍ତାରେ ଥିବା ଡ୍ରେନ ସମ୍ପୂର୍ଣ୍ଣ ପୋତି ହୋଇ ପଡ଼ିଥିବା ବେଳେ ଜଳ ନିଷ୍କାସନ ପାଇଁ କୌଣସି ବାଟ ଦିଶୁ ନାହିଁ ବୋଲି ଭବାନୀ ସାହୁ ଅଭିଯୋଗ କରିଛନ୍ତି। ସହରରେ ସୌନ୍ଦର୍ଯ୍ୟକରଣ ନାଁରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉ ଥିବା ବେଳେ ମୌଳିକ ସମସ୍ୟାର ସମାଧାନ ଲାଗି ସରକାର କିମ୍ବା ପ୍ରଶାସନ ଧ୍ୟାନ ଦେଉ ନାହିଁ ବୋଲି ଶ୍ରୀ ସାହୁ କହିଛନ୍ତି। ଡ୍ରେନର ପୁନରୁଦ୍ଧାର ତୁରନ୍ତ କରିବାକୁ ପୌର ଅଧିକାରୀଙ୍କ ପାଖରେ ଦାବି କରିଛନ୍ତି।

# ଅଞ୍ଚଳ ମହାବିଦ୍ୟାଳୟ ପକ୍ଷରୁ ଲେଖିକା ସାହୁଙ୍କୁ ସମ୍ବର୍ଦ୍ଧନା

**ପଦ୍ମପୁର, ୧୬।୪(ସମିସ):** ସ୍ଥାନୀୟ ଅଞ୍ଚଳ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାଶଙ୍କ ସଭାପତିତ୍ୱରେ ମହାବିଦ୍ୟାଳୟ ପରିସରରେ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଠାରୁ ରାଜ୍ୟସ୍ତରୀୟ ଗଳ୍ପ ଲିଖନ ପୁରସ୍କାର ପାଇ ମହାବିଦ୍ୟାଳୟକୁ ଗୌରବାନ୍ୱିତ କରିଥିବା ଯୁକ୍ତ ତିନି ରସାୟନ ବିଜ୍ଞାନ ବିଭାଗର ସୁନାମଧନ୍ୟା ଛାତ୍ରୀ ଲେଖିକା ସାହୁଙ୍କୁ ଅବସରରେ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମରେ ରସାୟନ ବିଜ୍ଞାନ ବିଭାଗର ମୁଖ୍ୟ ଚନ୍ଦ୍ରକାନ୍ତ ସୁନା ଉପସ୍ଥିତ ରହି ଲେଖିକାଙ୍କ ଅସାଧାରଣ ସାରସ୍ୱତ ପ୍ରତିଭାର ଉଚ୍ଚ ପ୍ରଶଂସା କରିବା ସହ ବିଜ୍ଞାନର ଛାତ୍ରୀ ହୋଇ ମଧ୍ୟ ସାହିତ୍ୟ କ୍ଷେତ୍ରରେ ତାଙ୍କର ନିଷ୍ଠା ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟୀ ବୋଲି ମତବ୍ୟକ୍ତ କରିଥିଲେ। ଅଧ୍ୟାପକ ସନ୍ତୋଷ କୁମାର ମିଶ୍ର, ଡ.ସରୋଜ କୁମାର ନାଏକ, ନିର୍ମଳ କୁମ୍ଭାର ଓ ଅଧ୍ୟାପିକା ମମତାମୟୀ ଗୁରୁ ସମେତ ମହାବିଦ୍ୟାଳୟର ସମସ୍ତ ପ୍ରାଧ୍ୟାପକ, ପ୍ରାଧ୍ୟାପିକା, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀବୃନ୍ଦ ଉପସ୍ଥିତ ରହି ଲେଖିକାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସାଧୁବାଦ ଜଣାଇଥିଲେ।




# ସରଧାପାଲି ଗ୍ରାମରେ ଦଣ୍ଡଯାତ୍ରା ଉଦ୍‌ଯାପିତ

**କୁଚିଣ୍ଡା, ୧୬ । ୪(ସମିସ):** ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ସରଧାପାଲି ଗ୍ରାମରେ ବୁଧବାର ମେରୁ ପର୍ବରେ ମା' କାଳୀ ପୀଠ ଲୋକାରଣ୍ୟ ହେବା ସହ ଦଣ୍ଡଯାତ୍ରା ଉଦ୍‌ଯାପିତ ହଇଯାଇଛି। ମହାବିଷୁବ ସଂକ୍ରାନ୍ତିରେ ଅନୁଷ୍ଠିତ ମେରୁ



ପର୍ବ ଶାନ୍ତି ଶୃଙ୍ଖଳା ସହିତ ସମ୍ପନ୍ନ ହୋଇଯାଇଛି। କୁଚିଣ୍ଡା ବ୍ଲକ ସରଧାପାଲି ଗ୍ରାମରେ ଗତ ବୁଧବାର ଦିନ ମେରୁ ପର୍ବ ପାଳନ ସହ ଦଣ୍ଡ ନାଚ ଉଦ୍‌ଯାପିତ ହୋଇଯାଇଛି। ଚୈତ୍ର ମାସ ଶେଷ ଓ ବୈଶାଖ ମାସର ପ୍ରାରମ୍ଭକୁ ମେରୁ ସଂକ୍ରାନ୍ତି ବୋଲି କୁହାଯାଇଥାଏ। ଏହି ଅବସରରେ ସରଧାପାଲିର ବାବା ମୁକ୍ତେଶ୍ୱର ଦଣ୍ଡ ପାର୍ଟି ପକ୍ଷରୁ ଲାଡ, ବକ୍ସମା, ଝରାଗୋଗୁଆ, ଧୁବେନ ବୁଡ, ଲାଖୋପଡ଼ା, ଗୁମାପାଲି, ଟାଙ୍ଗରାନି ଓ ବଡ଼ମାଳ ପ୍ରମୁଖ ଗ୍ରାମରେ ଦଣ୍ଡଯାତ୍ରା ପରିବେଷଣ କରିଥିଲେ। ମାନସିକଧାରୀ ଦଣ୍ଡୁଆମାନେ ନିଷ୍ଠା ଓ ଏକାଗ୍ରତାରେ ବାନା, ପିଞ୍ଛାମୁଠା, ପରାଭା, ଦଣ୍ଡ, ହର ପାର୍ବତୀଙ୍କ ମୂର୍ତ୍ତି, ଢୋଲ, ମୁହୁରୀ ଓ ଘଣ୍ଟର ଧ୍ୱନିରେ ଆକର୍ଷଣୀୟ ଦଣ୍ଡ ନାଚ ପରିବେଷଣ କରି ପୁଣି ବିଷୁବ ସଂକ୍ରାନ୍ତି ଦିନ ମୂଳ ପୀଠ ସରଧାପାଲିକୁ ଫେରିଥିଲେ। ସେଠାରେ ଦଣ୍ଡଭୁକ୍ତା ବା ପାଟଭୁକତା ଜଗତ ଛତ୍ରିଆଙ୍କ ନେତୃତ୍ୱରେ ବୁଧବାର ଗ୍ରାମର ଦଣ୍ଡପିଠରେ ଦଣ୍ଡ ନୃତ୍ୟ ଶେଷ ହୋଇଯାଇଛି। ମେରୁ ମଣ୍ଡପରେ ଢୋଲ, ଘଣ୍ଟ, ମୁହୁରୀ ତାଳେ ତାଳେ ଝୁଣା ମଧ୍ୟମରେ ଜଣେ ଦଣ୍ଡୁଆଙ୍କୁ ଅଗ୍ନିରେ ମହାମାୟୀ ମା 'କାଳୀଙ୍କୁ ଆହ୍ୱାନ କରିବା ଦୃଶ୍ୟ ଏକ ଆଧ୍ୟାନିକ ପରିବେଷ ସୃଷ୍ଟି କରିଥିଲା।ଦଣ୍ଡଯାତ୍ରାରେ ପାଟଭୁକ୍ତା ଜଗତ ଛତ୍ରିଆଙ୍କ ସହ ପରିଚାଳକ ସୁମନ୍ତ କୁମାର ପରିଡ଼ା, ସୁଶାନ୍ତ ପଟେଲ, ହେମନ୍ତ ଆଏନ, ଗୋକୁଳ ଛତ୍ରିଆ, ଦିଲୀପ ଲୁହା, ଦୁର୍ଯ୍ୟୋଧନ ଖଣ୍ଡା, ବୀଣାକାର ସୁରେନ୍ଦ୍ର ଛତ୍ରିଆ, ମୁକ୍ତେଶ୍ୱର ମନ୍ଦିରରୁ ମାଳି ହେମନ୍ତ ମହାପାତ୍ର ଓ ଅନନ୍ୟା ଦଣ୍ଡାଦିଧାରୀ ସହ ଅନେକ ଶ୍ରଦ୍ଧାଳୁ ଭକ୍ତ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ

**ସମ୍ବଲପୁର, ୧୬।୪ (ସମିସ)**



ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଜିଲ୍ଲାସ୍ତରୀୟ ୧୪ ବର୍ଷରୁ କମ ଆନ୍ତଃ-କ୍ଲବ ମୁଖ୍ୟମନ୍ତ୍ରୀ କପ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେଉଛି। ଓଡ଼ିଶା ସରକାର ଙ୍କର କ୍ରୀଡ଼ା ଓ ଯୁବ ସେବା ବିଭାଗ ଏବଂ ଜିଲ୍ଲା କ୍ରୀଡ଼ା ସଂଘର ମିଳିତ ଆନୁକୂଲ୍ୟରେ ଆୟୋଜିତ ପ୍ରତିଯୋଗିତାରେ ଆଜି ସକାଳେ ମେହେର ଆସୋସିଏସନ ବନାମ ସମ୍ବଲପୁର ରେଲୱେ ଏକାଡେମୀ ମଧ୍ୟରେ ମ୍ୟାଚ ଆୟୋଜିତ ହୋଇଯାଇଛି। ବିଜେପିର ବରିଷ୍ଠ ନେତା ସୂର୍ଯ୍ୟ ପାଣିଗ୍ରାହୀ ଓ ସରୋଜ ସାହୁ ଅତିଥି ଭାବରେ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ କ୍ରୀଡ଼ା ସଂଘର ବରିଷ୍ଠ ସଭ୍ୟ ପ୍ରଦୀପ ପଣ୍ଡା ଓ ଖଡ଼ିରତ୍ନ ବେହେରା ଉପସ୍ଥିତ ଥିଲେ। ସଂଘର ଫୁଟବଲ ସମ୍ପାଦକ ଅବଦୁଲ ଗଫର, ସୁବାଷ ଚନ୍ଦ୍ର ରାଉତ, ପଦ୍ମନାଭ ନାୟକ, ସୟଦ ଜିନ୍ଦାବାଦ, ମହମ୍ମଦ ବରକତ, ଟୁକୁ ବାହାଦୁର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ମେହେର ଆସୋସିଏସନ ରେଲୱେ ଏକାଡେମୀ କୁ ୩-୦ ଗୋଲରେ ପରାସ୍ତ କରିଥିଲା। ସବ୍ୟସାଚୀ ମୁଣ୍ଡା ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ରେଫରୀ ଭାବରେ ଅରୁଣ ଭୋଇ, ପରେଶ ପଧାନ, ସରୋଜ ବାଗ ଓ ଅଜୟ କୁମାର ମାଝୀ ପରିଚାଳନା କରିଥିଲେ। ସେହିପରି ଅପରାହ୍ଣରେ ବାଳିକା ବର୍ଗରେ ହୀରାକୁଦ ଆଥେଲେଟିକ ଆସୋସିଏସନ ଓ ମେହେର ଆସୋସିଏସନ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା।

# କଣ୍ଟ୍ରାକ୍ଟ କ୍ୟାରିୟର୍ସ ଓ ଟ୍ୟାଙ୍କର ଚାଳକଙ୍କ ଆନ୍ଦୋଳନ ପ୍ରତ୍ୟାହୃତ



**ଜିଲ୍ଲାପାଳ ଓ ଏସ୍‌ପିଙ୍କ ସହ ଆଲୋଚନା ପରେ ଆନ୍ଦୋଳନରୁ ଓହରିଲେ**

**ସ୍ୱାଭାବିକ ହେଲା ତୈଳ ପରିବହନ**

**ବିଶୃଙ୍ଖଳା କଲେ ରଦ୍ଦ ହେବ ଲାଇସେନ୍ସ: ଜିଲ୍ଲାପାଳ**

**ଡ୍ରାଇଭରଙ୍କ ପାଇଁ ପାନୀୟ ଜଳ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ**

ଝାରସୁଗୁଡ଼ା, ୧୬।୪(ସମିସ)

ଜିଲ୍ଲା ସ୍ଥିତ ଭାରତୀୟ ତୈଳ ନିଗମ ଟର୍ମିନାଲରେ କଣ୍ଟ୍ରାକ୍ଟ କ୍ୟାରିୟର୍ସ ଏବଂ ଟ୍ୟାଙ୍କର ଚାଳକମାନଙ୍କ ଦ୍ୱାରା ଜାରି ରହିଥିବା ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ଆଜି ଜିଲ୍ଲାପାଳ କୁଣାଳ ମୋତିରାମ ଚହ୍ୱାଣ ଏବଂ ଆରକ୍ଷୀ ଅଧିକ୍ଷକ(ଏସ୍‌ପି) ଜିଆର୍ ରାଘବେନ୍ଦ୍ରଙ୍କ ଆନ୍ଦୋଳନସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ଟ୍ୟାଙ୍କର ଗୁଡ଼ିକରେ ତୈଳ ଲୋଡିଂ କାର୍ଯ୍ୟ ସ୍ୱାଭାବିକ ହୋଇଛି। ଆଜି ସକାଳୁ ଜିଲ୍ଲାପାଳ ଚହ୍ୱାଣ ନିଜେ ଟର୍ମିନାଲ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ପରେ ଅପରାହ୍ନ ୧୨ଟା୩୦ ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପେଟ୍ରୋଲ ପମ୍ପ ମାଲିକ ସଂଘ, ଟ୍ୟାଙ୍କର ଆସୋସିଏସନ ଏବଂ ଡ୍ରାଇଭର ସଂଘର ପ୍ରତିନିଧିଙ୍କୁ ନେଇ ଜିଲ୍ଲାପାଳ ଓ ଏସ୍‌ପିଙ୍କ ଉପସ୍ଥିତିରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ତୈଳ ଭଳି ଅତ୍ୟାବଶ୍ୟକ ସାମଗ୍ରୀ ପରିବହନରେ କୌଣସି ପ୍ରକାର ବାଧା ସୃଷ୍ଟି କଲେ କିମ୍ବା କୌଣସି ବିଶୃଙ୍ଖଳା କଲେ ଗାଡ଼ିର ପରିବହନ ଲାଇସେନ୍ସ ରଦ୍ଦ କରିବାକୁ ସେ ଆରଟିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଡ୍ରାଇଭରମାନେ ପାନୀୟ ଜଳର ଅଭାବ ଏବଂ ଅନ୍ୟାନ୍ୟ ଅସୁବିଧା ସମ୍ପର୍କରେ ଅଭିଯୋଗ କରିଥିଲେ। ଏନେଇ ଜିଲ୍ଲାପାଳ ଭାରତୀୟ ତୈଳ ନିଗମ ମ୍ୟାନେଜମେଣ୍ଟକୁ ଉପଯୁକ୍ତ ସ୍ଥାନରେ ପାନୀୟ ଜଳ ସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏସ୍‌ପି ଟର୍ମିନାଲ ପରିସରରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଫୋର୍ସ ମୁତୟନ କରାଯିବ। ପ୍ରତିଟି କାର୍ଯ୍ୟକଳାପ ଉପରେ ସିସିଟିଭି ମାଧ୍ୟମରେ ନଜର ରଖାଯିବ। ଯଦି କେହି ବିଶୃଙ୍ଖଳା ସୃଷ୍ଟି କରନ୍ତି, ତେବେ ପୋଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି କହିଥିଲେ। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଆରଟିଓ ପ୍ରଣୟ ମିଶ୍ର ଏବଂ ଭାରତୀୟ ତୈଳ ନିଗମ ମ୍ୟାନେଜମେଣ୍ଟର କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ।

## ଦୁଷ୍କର୍ମ ଅଭିଯୋଗରେ କାକା ଗିରଫ

**ଦେବଗଡ଼, ୧୬।୪(ସମିସ):** ଝିଅାରୀକୁ ଦୁଷ୍କର୍ମ ଅଭିଯୋଗରେ କାକା ଗିରଫ ହୋଇଛି। ଏଭଳି ଏକ ଅଭାବନୀୟ ତଥା କୁତ୍ସିତ ଘଟଣା ଘଟିଛି ଦେବଗଡ଼ ଜିଲାର ବାରକୋଟ ଥାନା ଅଞ୍ଚଳରେ। ଅଭିଯୁକ୍ତ ଅଜିତ ମୁଣ୍ଡା (୨୩) ବୋଲି ଜଣାପଡ଼ିଛି। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବାରକୋଟ ଥାନା ଅନ୍ତର୍ଗତ ଏକ ଗ୍ରାମରେ ୧୮ ବର୍ଷର ଜଣେ ଯୁବତୀ ନିଜ କାକା ଘରେ ଅନ୍ୟ ଭଉଣୀମାନଙ୍କ ସହିତ ଗୋଟିଏ କୋଠରୀରେ ଶୋଇଥିଲେ। ତାଙ୍କ କାକା ଅଜିତ ମୁଣ୍ଡା (୨୩) ରାତି ପ୍ରାୟ ୧୨ ଟା ସମୟରେ ଝିଅାରୀଙ୍କ ପାଖକୁ ଆସି ତାଙ୍କୁ ଦୁଷ୍କର୍ମ କରିଥିଲା। ଏଥିସହ ଘଟଣା ସମ୍ପର୍କରେ କାହାକୁ ଜଣାଇଲେ ଜୀବନରୁ ମାରିଦେବାକୁ ଧମକ ଦେବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ ମଧ୍ୟ କରିଥିଲା। ପୀଡିତା ଜଣକ ଘଟଣା ସମ୍ପର୍କରେ ତାଙ୍କ ମା'ଙ୍କୁ ଜଣାଇଥିଲେ। ମାତ୍ର ଗୋଟିଏ ପରିବାରର ହୋଇଥିବାରୁ ସମ୍ମାନ ହାନୀ ଭୟରେ ପୀଡିତାଙ୍କ ମା' ତାଙ୍କୁ ନିରବ ରହିବାକୁ କହିଥିଲେ। ମାତ୍ର ଅଭିଯୁକ୍ତ କାକା ନିଜେ ଘଟଣା ସମ୍ପର୍କରେ ଅନ୍ୟମାନଙ୍କୁ କହି ବୁଲିବା ସହ ଝିଅାରୀଙ୍କୁ ବଦନାମ କରିବାରୁ ପୀଡିତା ଜଣକ ବାଧହୋଇ ଗତ ୧୪ ତାରିଖରେ ଏନେଇ ବାରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ବାରକୋଟ ଥାନା ପୁଲିସ ଅଭିଯୁକ୍ତ ଅଜିତ ବିରୁଦ୍ଧରେ ବିଭିନ୍ନ ଦଫାରେ ଏକ ମାମଲା ରୁଜୁ କରି ଆଜି ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାତ୍ର ଅଦାଲତରେ ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତକୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ମାଂସ ଭାଗବଣ୍ଟାକୁ କେନ୍ଦ୍ରକରି ଛୁରାମାଡ଼ ଘଟଣା: ଅଭିଯୁକ୍ତ ଗିରଫ

**ଦେବଗଡ଼, ୧୬।୪(ସମିସ):** ଗତ ମାର୍ଚ୍ଚ ୨୨ ତାରିଖ ଅପରାହ୍ନରେ ଜଙ୍ଗଲ ପୂଜା ସମୟରେ ମାଂସ ଭାଗବଣ୍ଟାକୁ କେନ୍ଦ୍ରକରି ଛୁରାମାଡ ଘଟଣାରେ ଦେବଗଡ଼ ଥାନା ପୁଲିସ ଆଜି ଅଭିଯୁକ୍ତ ବାସୁପାଲି ଗ୍ରାମର ସୁଶାନ୍ତ ଗଡ଼ନାୟକ(୩୫)କୁ ଗିରଫ କରି କୋର୍ଟ ଚାଲାଣ କରିଛି।



ସୂଚନାଯୋଗ୍ୟ, ଗତ ମାର୍ଚ୍ଚ ୨୨ ତାରିଖରେ ବାରକୋଟ ଥାନାଞ୍ଚଳ ବାସୁପାଲି ଗ୍ରାମର ଚଷା ସମାଜ ଓ ଦଳିତ ସମାଜର ୩୦ରୁ ୩୫ ପରିବାରର ଏକତ୍ରିତ ହୋଇ ଜଙ୍ଗଲ ପୂଜା କରିବା ନିମନ୍ତେ ନିକଟସ୍ଥ ଦେବଗଡ଼ ଥାନାଞ୍ଚଳର ଅଶୁରଖୋଳ ଗ୍ରାମକୁ ଯାଇଥିଲେ। ଅପରାହ୍ନ ପ୍ରାୟ ୪ଟା ସମୟରେ ବାସୁପାଲି ଗ୍ରାମର ଦୁଃଖବନ୍ଧୁ ଗଡ଼ନାୟକଙ୍କୁ ପୁଅ ସୁଶାନ୍ତ ଗଡ଼ନାୟକ(୩୫) ନିଶାଶକ୍ତ ଅବସ୍ଥାରେ ସେଠାରେ ପହଞ୍ଚି ନିର୍ଦ୍ଦିଷ୍ଟ ଦଳିତ ସମ୍ପ୍ରଦାୟର ଲୋକଙ୍କୁ ଆକ୍ଷେପ କରିବା ସହ ସେମାନେ ୨ଭାଗ ଲେଖାଏଁ ମାଂସ ଖାଇଦେବାରୁ ମାଂସ ସବୁ ଶେଷ ହୋଇଗଲା ବୋଲି ଅଭିଯୋଗ କରିଥିଲା। ଏହି କଥାକୁ ନେଇ ସୁଶାନ୍ତ ସହିତ ଉକ୍ତ ଗ୍ରାମର ଚୂଡାମଣି ପାତ୍ରଙ୍କର ଯୁକ୍ତିତର୍କ ହୋଇଥିଲା ଓ ଚୂଡାମଣି ନମ୍ର ଭାବରେ ଖାଇବା ସ୍ଥାନରୁ ଉଠି ଚାଲିଯାଇଥିଲେ। ଏହି ସମୟରେ ହିମାଦ୍ରୀ ପ୍ରଧାନ(୪୯) ଶାନ୍ତି ଶୃଙ୍ଖଳାର ସହିତ ଭୋଗ ଖାଇ ନିଜ ନିଜ ଘରକୁ ଫେରିଯିବାକୁ ଲୋକଙ୍କୁ ଅନୁରୋଧ କରିଥିଲେ। ତେବେ ଏକଥା ଶୁଣି ସୁଶାନ୍ତ ହଠାତ ଉତ୍କ୍ଷିପ୍ତ ହୋଇପଡ଼ିବା ସହ ଖାଇବା ସ୍ଥାନରୁ ଉଠି ହିମାଦ୍ରୀଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳି ଗୁଲଜ କରିଥିଲା। ଏଥିସହ ତା'ର ବାଇକରୁ ଏକ ଛୁରୀ ବାହାର କରି ହିମାଦ୍ରୀଙ୍କ ବେକକୁ ଭୁଷି ହତ୍ୟା ଉଦ୍ୟମ କରିବା ସହ ସେଠାରୁ ଦୌଡି ପଳାଇଥିଲା। ହିମାଦ୍ରୀ ଏଥିରେ ଗୁରୁତର ଆହତ ହୋଇଥିଲେ। ଏନେଇ ଆହତ ହିମାଦ୍ରୀଙ୍କ ସ୍ତ୍ରୀ ସବିତା ପ୍ରଧାନ ଦେବଗଡ଼ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଥିଲା। ଆଜି ଅଭିଯୁକ୍ତ ସୁଶାନ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

**ପିସି ଏବଂ ପିଏନଡିଟି ନୂତନ ପରାମର୍ଶଦାତା କମିଟି ଗଠିତ**

## ପ୍ରତି ୨ ମାସରେ ହେବ ସମୀକ୍ଷା; କଡ଼ାକଡ଼ି ହେବ ଅଲଟ୍ରାସାଉଣ୍ଡ କେନ୍ଦ୍ରର ଯାଞ୍ଚ

**ଝାରସୁଗୁଡ଼ା, ୧୬।୪(ସମିସ):** ଜିଲ୍ଲାରେ ପିସି ଏବଂ ପିଏନଡିଟି ଆଇନର ସଫଳ ରୂପାୟନ ଏବଂ କନ୍ୟା ଭ୍ରୂଣ ହତ୍ୟା ଭଳି କୁସଂସ୍କାରକୁ ରୋକିବା ପାଇଁ ଜିଲ୍ଲାପାଳ କୁଣାଳ ମୋତିରାମ ଚହ୍ୱାଣଙ୍କ ଅନୁମତି କ୍ରମେ ଜିଲ୍ଲା ପରାମର୍ଶଦାତା କମିଟିର ପୁନର୍ଗଠନ କରାଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏ ସମ୍ପର୍କିତ ବିଧିବଦ୍ଧ ଚିଠି ପ୍ରକାଶ ପାଇଛି। ଜିଲ୍ଲାରେ ଜନ୍ମ ସମୟରେ ଲିଙ୍ଗାନୁପାତର ସ୍ଥିତିରେ ସୁଧାର ଆଣିବା ଏବଂ ସମାଜରେ କନ୍ୟା ସନ୍ତାନର ମୂଲ୍ୟବୋଧ ବୃଦ୍ଧି କରିବା ପାଇଁ ଏହି କମିଟି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ପୁନର୍ଗଠିତ ଏହି କମିଟିରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଶିଶୁ ରୋଗ ବିଶେଷଜ୍ଞ ଡା.ଲତିକା କିଷାନ, ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡ. ମଧୁରୀ ପଟେଲ, ଭେଷଜ ବିଶେଷଜ୍ଞ ଡା. ବିଭୁଦତ୍ତ ମହାନ୍ତି, ସରକାରୀ ଓକିଲ ନିନେନ୍ଦୁ ରଞ୍ଜନ ଦାସ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କୃଷ୍ଣାକେଶୀ ବଳିୟାରସିଂହ, ସ୍ୱେଚ୍ଛାସେବୀ ସଂଗଠନ ସେହେଦାର ନିର୍ଦ୍ଦେଶିକା ଆନନ୍ଦିନୀ ପାଢ଼ୀ, ସ୍ୱେଚ୍ଛାସେବୀ ସଂଗଠନ ସେବାର ସମ୍ପାଦକ ସୁଶୀଲ କୁମାର ଦାଶ, ପବିତ୍ର ଆତ୍ମାସେବିକା ସଂଘ ସଭାନେତ୍ରୀ ବିନ୍ଦୁ ମାଥୁ ପ୍ରମୁଖଙ୍କୁ ସାମିଲ କରାଯାଇ ଏହି ପରାମର୍ଶଦାତା କମିଟି ଗଠନ କରାଯାଇଛି। ନୂତନ ଭାବେ ଗଠିତ ଏହି କମିଟି ପ୍ରତି ଦୁଇ ମାସରେ ଥରେ ବୈଠକ କରି ଜିଲ୍ଲାରେ ପିସି ଏବଂ ପିଏନଡିଟି ଆଇନର କାର୍ଯ୍ୟକାରିତା ଉପରେ ସମୀକ୍ଷା କରିବ। ଜିଲ୍ଲାରେ ଥିବା ଅଲଟ୍ରାସାଉଣ୍ଡ ୟୁନିଟଗୁଡ଼ିକର ନିୟମିତ ପରିଦର୍ଶନ ଓ ଯାଞ୍ଚ କରାଯିବ। ଏଥିସହ ନୂତନ ପଞ୍ଜିକରଣ, ପଞ୍ଜିକରଣର ନବୀକରଣ ଏବଂ ଆଇନ ଉଲ୍ଲଂଘନ କରୁଥିବା କେନ୍ଦ୍ରଗୁଡ଼ିକର ପଞ୍ଜିକରଣ ବାତିଲ ବା ନିଲମ୍ବନ କରିବା ସମ୍ପର୍କରେ ଏହି କମିଟି ଜିଲ୍ଲା କର୍ତ୍ତୃପକ୍ଷଙ୍କୁ ପରାମର୍ଶ ପ୍ରଦାନ କରିବ।

## ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ



**ଦେବଗଡ଼, ୧୬।୪(ସମିସ):** ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଆଜି ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାଏକଙ୍କ ଆବାହକତ୍ୱ କ୍ରମେ ଆରକ୍ଷୀ ଅଧିକ୍ଷକ ଅନିଲ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ମିଶ୍ର ମଦ ବିକ୍ରୟ ଢାବା ଗୁଡ଼ିକ ଯାଞ୍ଚ କରିବା, ଏନଏଚ-୪୯ରେ ରାସ୍ତା ପାର୍ଶ୍ୱରେ ଜବରଦଖଲ ଦୋକାନ ଗୁଡ଼ିକୁ ଚିହ୍ନଟ ଓ ଉଚ୍ଛେଦ କରିବା, ପୌରପରିଷଦରେ ଯାନ ବାହାନ ଚଳାଇବା ବେଳେ ଗାଡ଼ିର ବେଗ ନିୟନ୍ତ୍ରଣ କରିବା, ଗାଡ଼ି ଚଳାଇବା ବେଳେ ହେଲମେଟ, ସିଟବେଲ୍ଟ ପିନ୍ଧିବା, ସରକାରଙ୍କ ନିୟମ ଅନୁସାରେ ନିର୍ଦ୍ଧାରିତ ଗତିରେ ଗାଡ଼ି ଚଳାଇବା, ନୂତନ କେନ୍ଦ୍ରୀୟ ବିଦ୍ୟାଳୟଠାରେ ଟ୍ରାଫିକ ନିୟନ୍ତ୍ରଣ ଉପରେ ବିଶେଷ ଆଲୋକପାତ କରିଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଉପ ଜିଲ୍ଲାପାଳ ପରିକ୍ଷିତ ସାହୁ, ଅଧିକ୍ଷଣ ଯନ୍ତ୍ରୀ ରାସ୍ତା ଓ ଗୃହ ବିଭାଜନ ଅଭିଷେକ ଓଝା, କାର୍ଯ୍ୟ ନିର୍ବାହୀ ଅଧିକାରୀ ପୌରପରିଷଦ ରିତିକାନ୍ତ ଶୁକ୍ଲା, ଟିପିଡବ୍ଲୁ ନିର୍ବାହୀ ଯନ୍ତ୍ରୀ ରାଜୁ ସାହା, ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ସାମ୍ବାଦିକ ସିଦ୍ଧାର୍ଥ ଗୁରୁ, ସତ୍ୟନାରାୟଣ ମିଶ୍ର ଓ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

**'ସ୍ନେହ ସେତୁ'ରେ ଆଉ ଏକ ସଫଳତା**

## ଦେଢ଼ ବର୍ଷ ପରେ ଘରକୁ ଫେରିଲେ ରଞ୍ଜିତ



ଝାରସୁଗୁଡ଼ା, ୧୬।୪(ସମିସ): ଜିଲ୍ଲା ପ୍ରଶାସନର ମାନବୀୟ ପଦକ୍ଷେପ 'ସ୍ନେହ ସେତୁ' ଅଭିଯାନ ମାଧ୍ୟମରେ ପୁଣି ଜଣେ ନିଖୋଜ ଯୁବକ ନିଜ ପରିବାର ସହ ପୁନଃମିଳିତ ହୋଇଛନ୍ତି। ବିହାର ରାଜ୍ୟ ରୋହତାସ ଜିଲ୍ଲାର ୩୪ ବର୍ଷୀୟ ଯୁବକ ରଞ୍ଜିତ ଯାଦବ ଆଜି ନିଜ ପରିବାରକୁ ଫେରିଛନ୍ତି। ଜିଲ୍ଲାପାଳ କୁଣାଳ ମୋତିରାମ ଚହ୍ୱାଣଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ରଞ୍ଜିତଙ୍କୁ ତାଙ୍କ ପିତା ଓ ଭାଇଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନାଯୋଗ୍ୟ, ରଞ୍ଜିତଙ୍କୁ ସମ୍ବଲପୁର ଜିଲ୍ଲା ଗୋବିନ୍ଦପୁର ଥାନା ଅନ୍ତର୍ଗତ ଗଣେଶ ନଗର, ବାମରା ଅଞ୍ଚଳରୁ ଅସହାୟ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଗୋବିନ୍ଦପୁର ଆଇଆଇସିଙ୍କ ସହାୟତାରେ ତାଙ୍କୁ ଏପ୍ରିଲ ୬ ତାରିଖରେ ଝାରସୁଗୁଡ଼ା କଲ୍ୱ କଲୋନୀସ୍ଥିତ 'ମିଶନ ଆଶାଲୋକ-୧' କେନ୍ଦ୍ରରେ ଆଶ୍ରୟ ପ୍ରଦାନ କରାଯାଇଥିଲା। ସେଠାରେ ରଞ୍ଜିତଙ୍କ ଯତ୍ନ ନିଆଯିବା ସହ ଆବଶ୍ୟକ ଚିକିତ୍ସା କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିବା ପରେ ସେ ନିଜ ଘର ବିହାର ରାଜ୍ୟ ରୋହତାସ ଜିଲ୍ଲା ରାଜପୁର ଥାନା ଅନ୍ତର୍ଗତ ଅମରପୁର ଗ୍ରାମରେ ବୋଲି ସୂଚନା ଦେଇଥିଲେ। ପରେ ଜିଲ୍ଲା ପ୍ରଶାସନ ଓ ମିଶନ ଆଶାଲୋକ ଟିମ୍ ପକ୍ଷରୁ ତୁରନ୍ତ ତାଙ୍କ ପରିବାର ସହ ଯୋଗାଯୋଗ କରାଯାଇଥିଲା। ରଞ୍ଜିତଙ୍କ ସନ୍ଧାନ ପାଇ ଆଜି ତାଙ୍କ ପିତା ଲକ୍ଷ୍ମଣ ସିଂ ଏବଂ ତାଙ୍କ ଭାଇ ଝାରସୁଗୁଡ଼ାରେ ପହଞ୍ଚିଥିଲେ। ଦୀର୍ଘ ଦିନର ବିଚ୍ଛେଦ ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନିଜ ପୁଅକୁ ପାଖରେ ପାଇ ପିତା ଲକ୍ଷ୍ମଣ ସିଂ ଅତ୍ୟନ୍ତ ଭାବବିହ୍ୱଳ ହୋଇପଡ଼ିବା ସହ ଜିଲ୍ଲା ପ୍ରଶାସନକୁ କୃତଜ୍ଞତା ଜଣାଇଥିଲେ। ଏହି ସମୟରେ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ ଏବଂ ମିଶନ ଆଶାଲୋକର ସଦସ୍ୟମାନେ ଉପସ୍ଥିତ ରହି ରଞ୍ଜିତଙ୍କୁ ଶୁଭେଚ୍ଛା ସହ ବିଦାୟ ଜଣାଇଥିଲେ।

## ଘରୁ ଲକ୍ଷାଧିକ ଟଙ୍କାର ହୀରା, ସୁନା ଅଳଙ୍କାର ଚୋରି

**ଝାରସୁଗୁଡା, ୧୬।୪(ସମିସ):** ଝାରସୁଗୁଡ଼ା ଜିଲ୍ଲା ଏୟାରପୋର୍ଟ ଥାନା ଅନ୍ତର୍ଗତ ତାଳପଟିଆଠାରେ ବ୍ୟବସାୟୀ ଦଶରଥ ଶର୍ମାଙ୍କ ଘରେ ବୁଧବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ କଳା କନା ବୁଲାଇଛନ୍ତି। ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ହୀରା ସୁନା ଅଳଙ୍କାର ଏବଂ ଅନ୍ୟାନ୍ୟ ସାମଗ୍ରୀ ଲୁଟ କରି ନେଇଛନ୍ତି। ସୂଚନାନୁଯାୟୀ ପ୍ରବଳ ଗରମ ହେଉଥିବା ଏବଂ ଘରର ଏସି କାମ କରୁନଥିବାରୁ ଘରର ସମସ୍ତ ସଦସ୍ୟ ଉପର ମହଲାରେ ଶୋଇଥିଲେ। ଏହାର ସୁଯୋଗ ନେଇ ଦଶରଥ ଶର୍ମାଙ୍କ ଘର ପଛ ପଟୁ ଦୁର୍ବୃତ୍ତମାନେ ଘରେ ପଶି ଚୋରି କରିଥିବା ନେଇଛନ୍ତି। ଗୋଟିଏ ରାତିରେ ଦୁଇଟି ଘରେ ଦୁର୍ବୃତ୍ତମାନେ ଚୋରି କରିଥିବା ଅଭିଯୋଗ ହୋଇଛି। ପ୍ରାୟ ଚାରୋଟି ସୁନା ଚେନ, ଗୋଟିଏ ହୀରା ସେଟ୍, ୧୦ରୁ ଊର୍ଦ୍ଧ୍ୱ ସୁନା ଇୟରିଂ, ନେକ୍ଲେସ୍ ଚୋରି ହୋଇଥିବା ଘର ମାଲିକ ଅଭିଯୋଗ କରିଛନ୍ତି। ଚୋରି ସାମଗ୍ରୀର ଆନୁମାନିକ ମୂଲ୍ୟ ପ୍ରାୟ ୨୦ ଲକ୍ଷରୁ ଅଧିକ ହେବା ନେଇ ଅନୁମାନ କରାଯାଉଛି। ଖବରପାଇ ଘଟଣା ସ୍ଥଳରେ ଝାରସୁଗୁଡା ଆରକ୍ଷୀ ଅଧିକ୍ଷକ ଜିଆର୍ ରାଘବେନ୍ଦ୍ର ପହଞ୍ଚି ତଦନ୍ତ କରିଥିବା ବେଳେ ଘଟଣାସ୍ଥଳରେ ଡ଼ଗ ସ୍କ୍ୱାର୍ଡ, ସାଇଣ୍ଟିଫିକ ଟିମ୍ ପହଞ୍ଚି ଯାଞ୍ଚ କରିଛନ୍ତି। ତିନି ଜଣ ଦୁର୍ବୃତ୍ତ ଦଶରଥ ଶର୍ମାଙ୍କ ଘର ପଛ ପଟୁ ପଶିଥିବା ନେଇ ସିସିଟିଭିରେ ଦେଖା ଯାଉଥିବା ବେଳେ ଏହାକୁ ନେଇ ଅଧିକ ତଦନ୍ତ ଜାରି ରହିଥିବା ଝାରସୁଗୁଡା ଆରକ୍ଷୀ ଅଧିକ୍ଷକ ଜିଆର୍ ରାଘବେନ୍ଦ୍ର ସୂଚନା ଦେଇଛନ୍ତି।

## ଡିଏଲ୍‌ଏସ୍‌ଏ ପକ୍ଷରୁ ଆଇନ ସଚେତନତା କାର୍ଯ୍ୟକ୍ରମ



**ଝାରସୁଗୁଡା, ୧୬।୪(ସମିସ):** ଝାରସୁଗୁଡା ଜିଲ୍ଲା ଏବଂ ଦୌରାଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକଙ୍କ ନିର୍ଦ୍ଦେଶ କ୍ରମେ ଝାରସୁଗୁଡ଼ା ବ୍ଲକର ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ଯୌନ ଉତ୍ପୀଡ଼ନ ନିବାରଣ, ନିଷେଧ ଏବଂ ପ୍ରତିକାର ଆଇନ ଏବଂ ଏସ୍‌ସି ଏବଂ ଏସ୍‌ଟି ଆକ୍ଟ ସମ୍ପର୍କିତ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଜିଲ୍ଲା ଆଇନ ସେବା ପ୍ରାଧିକରଣ(ଡିଏଲ୍‌ଏସ୍‌ଏ) ପକ୍ଷରୁ ଆୟୋଜିତ ହୋଇଯାଇଛି। ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ଆଲୋକମୟୀ ପ୍ରଧାନ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। କର୍ମକ୍ଷେତ୍ରରେ ମହିଳାଙ୍କ ଯୌନ ଉତ୍ପୀଡ଼ନ ନିବାରଣ, ନିଷେଧ ଏବଂ ପ୍ରତିକାର ଆଇନର ଉତ୍ପତ୍ତି, ବିଭିନ୍ନ ସମୟରେ ମାନନୀୟ ସର୍ବୋଚ୍ଚ ନ୍ୟାୟାଳୟଙ୍କର ଅନ୍ୟାନ୍ୟ ରାୟ ଓ ଏହି ଆଇନ୍ ବଳରେ ଗଠିତ ଆଭ୍ୟନ୍ତରୀଣ ଅଭିଯୋଗ ସମିତି, ଲୋକାଲ କମିଟିର କାର୍ଯ୍ୟ, ଏଥିରେ ଥିବା ଦଣ୍ଡବିଧାନ ଇତ୍ୟାଦି ସମ୍ପର୍କରେ ବିଶଦ ଭାବେ ଆଲୋଚନା କରିଥିଲେ। ଏହା ସହିତ ଏସ୍‌ସି ଏବଂ ଏସ୍‌ଟି ଆକ୍ଟରେ ଥିବା ବିଭିନ୍ନ ନିୟମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ତତ୍ ସଙ୍ଗେ ସଙ୍ଗେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ବିଭିନ୍ନ ଯୋଜନା ଯଥା ମାଗଣା ଆଇନ ସେବା, ପୀଡ଼ିତା କ୍ଷତି ପୂରଣ ଯୋଜନା, ଲୋକ ଅଦାଲତ ଓ ମଧ୍ୟସ୍ଥତା ମାଧ୍ୟମରେ କୋର୍ଟରେ ବିଚାରାଧୀନ ମାମଲା ଗୁଡ଼ିକର ସମାଧାନ, ନାଲ୍ସାର ଜାତୀୟ ହେଲ୍ପଲାଇନ ନମ୍ବର ବିଷୟରେ ଆଲୋଚନା କରିଥିଲେ। ଆସନ୍ତା ମେ ମାସ ୯ ତାରିଖରେ ହେବାକୁ ଥିବା ଜାତୀୟ ଲୋକ ଅଦାଲତରେ କେଉଁ ପ୍ରକାର ମାମଲା ଗୁଡିକର ସମାଧାନ ଅପୋଷ ବୁଝାମଣା ମାଧ୍ୟମରେ ହୋଇପାରିବ ସେ ବିଷୟରେ ପ୍ରାଧିକରଣ ସଚିବ ଅବଗତ କରିଥିଲେ। ଏଥିରେ ଆଇନ୍ ସେବା ପ୍ରାଧିକରଣର ପ୍ୟାନେଲ ଓକିଲ, ପାରା ଲିଗାଲ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ।

## ଝାରସୁଗୁଡ଼ାରେ 'ନାରୀ ଶକ୍ତି ବନ୍ଦନା' କାର୍ଯ୍ୟକ୍ରମ




**ଝାରସୁଗୁଡ଼ା, ୧୬।୪(ସମିସ):** ଜିଲ୍ଲା ପ୍ରଶାସନ ଏବଂ ମିଶନ ଶକ୍ତିର ମିଳିତ ଆନୁକୂଲ୍ୟରେ ଆଜି ସ୍ଥାନୀୟ ଅଞ୍ଚଳରେ 'ନାରୀ ଶକ୍ତି ବନ୍ଦନା' ତଥା 'ସୁଭଦ୍ରା ଶକ୍ତି ମହିଳା ସଶକ୍ତୀକରଣ ସଚେତନତା କାର୍ଯ୍ୟକ୍ରମ' ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ୧୫୦୦ରୁ ଅଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଯୋଗ ଦେଇଛନ୍ତି। ସକାଳେ ବେହେରାମାଲ ଛକଠାରୁ ଏକ ବିଶାଳ ସଚେତନତା ରାଲି ବାହାରି ସହର ପରିକ୍ରମା କରିବା ସହ ଏମସିଏଲ ଅଡିଟୋରିୟମ ପର୍ଯ୍ୟନ୍ତ ଯାଇଥିଲା। ପରେ ଅଡିଟୋରିୟମ ପରିସରରେ ଏକ ସ୍ୱତନ୍ତ୍ର ସଚେତନତା ସଭା ଓ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ମହିଳାଙ୍କ ଜୀବନଶୈଳୀରେ ସ୍ୱାସ୍ଥ୍ୟ, ପୋଷଣ ଏବଂ ପରିମଳର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ଏବଂ ଏହା କିପରି ସେମାନଙ୍କ ପରିବାରର ଜୀବିକାକୁ ପ୍ରଭାବିତ କରେ, ସେ ସମ୍ପର୍କରେ ସେ ବିସ୍ତୃତ ଆଲୋଚନା କରିଥିଲେ। ଆଲୋଚନା ଚକ୍ରରେ ମହିଳାମାନଙ୍କ ଦୈନନ୍ଦିନ ଜୀବନରେ ସ୍ୱାସ୍ଥ୍ୟ, ସଠିକ୍ ପୋଷଣ ଏବଂ ପରିମଳର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଓଡ଼ିଶା ଜୀବିକା ମିଶନର ଡିପିଏମ ଡ. ପୁଷ୍ପଶ୍ରୀ ନାୟକ ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସରକାରୀ ଯୋଜନା ଓ ସ୍ୱାସ୍ଥ୍ୟପ୍ରଦ ଖାଦ୍ୟର ଆବଶ୍ୟକତା ସମ୍ପର୍କରେ ସଚେତନ କରିଥିଲେ। ଏହି ଅବସରରେ ଆୟୋଜିତ ପାରମ୍ପରିକ ହୁଳହୁଳିରେ ବିଜୟୀ ହୋଇଥିବା ୩ ଜଣ ମହିଳାଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲ୍ଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ସୂର୍ଯ୍ୟାଂଶୁ ରୁଟ୍ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଓରମାସ୍‌ର ଡେପୁଟି ସିଇଓ ଯୁବରାଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଏଲ୍‌ଏଫ୍ ସଭାପତି ବୀଣାପାଣି ମଗର, କାର୍ଯ୍ୟକାରୀ କମିଟି ସଦସ୍ୟା ସୁବର୍ଣ୍ଣ ପଟେଲ, କିର୍ମିରା ସରପଞ୍ଚ ସନ୍ତୋଷିନୀ ପଟେଲ ଏବଂ ମାରକୁଟା ସମାଜସେବୀ ବିଳାସିନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କୃଷ୍ଣାକେଶୀ ବଳିୟାରସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଜିଲ୍ଲାସ୍ତରୀୟ 'ଉଦିଆଁ ତାରା' କାର୍ଯ୍ୟକ୍ରମର ସମୀକ୍ଷା**

## ସମସ୍ତ ବିଦ୍ୟାଳୟରେ ଲାଗିବ ବଜ୍ରପାତ ନିରୋଧକ ଯନ୍ତ୍ର

ଝାରସୁଗୁଡ଼ା, ୧୬।୪(ସମିସ)



ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ 'ଉଦିଆଁ ତାରା' କାର୍ଯ୍ୟକ୍ରମର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାର ଶିକ୍ଷା ବ୍ୟବସ୍ଥାରେ ସୁଧାର ଏବଂ ଛାତ୍ରଛାତ୍ରୀଙ୍କ ଶିକ୍ଷଣ ଦକ୍ଷତା ବୃଦ୍ଧି ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକରେ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଗର୍ଡିଆ ଜିଲ୍ଲାପାଳଙ୍କୁ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ସମୀକ୍ଷା ସମୟରେ ଓଡ଼ିଆ ଏବଂ ଗଣିତ ବିଷୟ ତୁଳନାରେ ଇଂରାଜୀ ଭାଷାର ଶିକ୍ଷଣ ଫଳାଫଳରେ ଆଶାନୁରୂପକ ସୁଧାର ହୋଇନଥିବା ଦୃଷ୍ଟିକୁ ଆସିଥିଲା। ଏହାକୁ ଦୃଷ୍ଟିରେ ରଖି ଆଗାମୀ ଶିକ୍ଷାବର୍ଷରେ ଇଂରାଜୀ ଶିକ୍ଷା ଉପରେ ବିଶେଷ ଗୁରୁତ୍ୱ ପ୍ରଦାନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି। ଏହି ପଦକ୍ଷେପକୁ ସଫଳ କରିବା ପାଇଁ ଡିଆଇଇଟି ପକ୍ଷରୁ ସ୍ୱତନ୍ତ୍ର 'ଇ-କଣ୍ଟେଣ୍ଟ' ପ୍ରସ୍ତୁତ କରାଯିବ। ଏହି ଡିଜିଟାଲ୍ ବିଷୟବସ୍ତୁ ମାଧ୍ୟମରେ ଜିଲ୍ଲାର ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରାଯିବ, ଯାହାଫଳରେ ସେମାନଙ୍କର ଇଂରାଜୀ ଭିତ୍ତିକ ଭାଷା ଜ୍ଞାନ ବୃଦ୍ଧି ପାଇପାରିବ। ଶିକ୍ଷା ସହିତ ବିଦ୍ୟାଳୟର ସୁରକ୍ଷା ବ୍ୟବସ୍ଥାକୁ ନେଇ ମଧ୍ୟ ବୈଠକରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ବଜ୍ରପାତରୁ ଛାତ୍ରଛାତ୍ରୀ ଏବଂ ବିଦ୍ୟାଳୟର ସୁରକ୍ଷା ପାଇଁ ଜିଲ୍ଲାର ସମସ୍ତ ବିଦ୍ୟାଳୟରେ ବଜ୍ରପାତ ନିରୋଧକ ଯନ୍ତ୍ର ସ୍ଥାପନ କରାଯିବ। ଏହି ସମ୍ପର୍କରେ ଏକ ସବିଶେଷ ପ୍ରସ୍ତାବ ତୁରନ୍ତ ଦାଖଲ କରିବାକୁ ଜିଲ୍ଲାପାଳ ଚହ୍ୱାଣ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ଶିକ୍ଷା ବିଭାଗର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

